[illegible] ଦୀନକୃଷ୍ଣ ଦାସଙ୍କ ଭାବାନୁବାଦୀ

ନାମରତ୍ନଗୀତା ।

ଚତୁର୍ଥ ଭାଗ ।

ଶ୍ରୀ [illegible] ଦାସଙ୍କ ଦ୍ୱାରା ସଂଶୋଧିତ ।

ଶ୍ରୀ ନୃସିଂହଚରଣ ଦାସଙ୍କ ଦ୍ୱାରା

ଦ୍ୱିତୀୟବାର ପ୍ରକାଶିତ ।

କଟକ, ଚନ୍ଦ୍ରୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ।

Printed by H K
Chandrod ya P
CUT

Digitized by srujanika@gmail.com

ନାମରତ୍ନଗୀତା ।

ଚତୁର୍ଥ ଭାଗ ।

ଏକସପ୍ତତିତମ ଅଧ୍ୟାୟ ।

ଜୟ ଜୟ ଜଗନ୍ନାଥ ପତିତପାବନ । ଜୟ ଜୟ ଜଗନ୍ନାଥ ଶ୍ରୀମଧୁସୂଦନ ॥ ଜୟ ଜୟ ଜଗନ୍ନାଥ ବିପଦବାରଣ । ଜୟ ଜୟ ଜଗନ୍ନାଥ କରୁଣାନିଧାନ ॥ ଦୀନକୃଷ୍ଣ ଦାସ ସଦା ତବ ପଦଭୃତ୍ୟ । ନାମରତ୍ନଗୀତା ଲେଖେ ଲୋକଙ୍କର ହିତ ॥ କରଯୋଡ଼ି ବିନୟରେ ପୁଚ୍ଛଇ ଅର୍ଜୁନ । ଯୁଗଧର୍ମ କଥା ମୋତେ କହ ଭଗବାନ ॥ କଏସେ କେଉଁ ଯୁଗରେ ପ୍ରତାପୀ ହୋଇବ । କାହାର ହାତରେ ପୁଣି ସେହୁ ନାଶଯିବ ॥ ବୋଲନ୍ତି ଅଚ୍ୟୁତ ତୁମ୍ଭେ ଶୁଣ କୁନ୍ତୀସୁତ । ସତ୍ୟଯୁଗ ଧର୍ମ କଥା କହେ ତୋ ଅଗ୍ରତ ॥ ସତ୍ୟଯୁଗେ ପ୍ରାଣୀମାନେ ସତ୍ୟବନ୍ତ ହେବେ । ଲୋଭ ମୋହ ହିଂସା ଆଦି ସକଳ ତେଜିବେ ॥ ବ୍ରାହ୍ମଣ ବେଦବିଧିରେ ହୋମକାର୍ଯ୍ୟ କରି । ବ୍ରତ ତପସ୍ୟାରେ ରତ ହେବେ ଦଣ୍ଡ ଧରି ॥ କ୍ଷତ୍ରିୟେ ଶସ୍ତ୍ର ବିଦ୍ୟାରେ ନିପୁଣ ହୋଇବେ । ବୈଶ୍ୟମାନେ ବାଣିଜ୍ୟରେ ପାରଦର୍ଶୀ ହେବେ ॥ ଶୂଦ୍ରମାନେ ସେବାକରି ଥିବେ ନିରନ୍ତର । ମନରୁ ତେଜି ସେମାନେ ମାନ ଅହଂକାର ॥ ସତ୍ୟ ତ୍ରେତୟା ଦ୍ୱାପର କଳି ଏହି ଚାରି । ଏଥିରୁ ପଞ୍ଚମ ନାହିଁ ହେ ଗାଣ୍ଡୀବଧାରୀ ॥ ସତ୍ୟଯୁଗେ ବଳିରାଜା ରାଜୁତି କରିବ । ବାହୁବଳେ ସସାଗର ପୃଥିବୀ ଜିଣିବ ॥ ଦାନଦେଇ ଲୋକଙ୍କୁ ସେ କରିବ ଆପ୍ୟୁତ । ତାହା ପାଇଁ ମର୍ତ୍ତ୍ୟେ ଜନ୍ମ ହୋଇବେ ଅଚ୍ୟୁତ ॥ ବାମନସ୍ୱରୂପ ଧରି ବଳିରାଜା ଦ୍ୱାରେ । ସାମବେଦ ପଢ଼ିବେ ସେ ଅତି ଉଚ୍ଚସ୍ୱରେ ॥ ତ୍ରିପାଦଭୂମି ତାହାରୁ

Digitized by srujanika@gmail.com

ଦାନ ସେ ଦେଇବେ । ପାତାଳପୁରରେ ନେଇ ତାହାଙ୍କୁ ରଖିବେ ।
ସତ୍ୟଯୁଗର ମହିମା କେ ପାରିବ କହି । ସେ ଯୁଗ ସମାନେ ପାର୍ଥ ଆଉ-
ଯୁଗ ନାହିଁ ॥ ତ୍ରେତାଯୁଗ କଥା ଏବେ କହୁଅଛୁ ଶୁଣ । ଏକପାଦ
ଧର୍ମହାନି ହୋଇବଟି ଜାଣ ॥ ସେ ଯୁଗେ ପରଶୁରାମ ରୂପେ ହରି ।
ନିକ୍ଷତ୍ରୀ କରିବେ ସସାଗରା ବସୁନ୍ଧରା ॥ ପୁଣି ରାମରୂପଧରି ମର୍ତ୍ତ୍ୟରେ
ଜନ୍ମିବେ । ରାବଣର ବଂଶ ନାଶି ବୈକୁଣ୍ଠକୁ ଯିବେ ॥ ଦ୍ୱାପରେ ଦୁଇ-
ପାଦ ଯେ ଧର୍ମହେବ ହାନି । କଂସ ଦୈତ୍ୟ ଜାତହୋଇ ପୀଡ଼ିବ ସେ
ପ୍ରାଣୀ ॥ କୃଷ୍ଣ ଅବତାର ହୋଇ ପ୍ରଭୁ ଜନାର୍ଦ୍ଦନ । ତାହାଙ୍କୁ ନାଶ
କରିବେ ଅହେ ଅର୍ଜୁନ ॥ କଳିଯୁଗରେ ପୁରୁଷୋତ୍ତମ କ୍ଷେତ୍ରେ ରହି ।
ମହିମା ବିସ୍ତାରି କରିବେ ଯେ ଭବଗ୍ରାହୀ ॥ ସେ ଯୁଗରେ ଧର୍ମ ଏକ
ପାଦରେ ରହିବ । ଅସତ୍ୟ ଦାରୁଣ ଘୋର କଳିଯୁଗ ହେବ ॥ ସଂସାର
ଜନଙ୍କ ପୁଣ୍ୟ ସବୁ ହେବ ନାଶ । ଯେ ଯାହାର କ୍ରିୟାକର୍ମ ତେଜିବେ
ଅବଶ୍ୟ ॥ ନାରୀମାନେ ପରପୁରୁଷେ ସଦା ରତ ହେବେ । ବ୍ରାହ୍ମଣେ
ବେଦବିଦ୍ୟାଦି ସମସ୍ତେ ତେଜିବେ ॥ ଦେବତାମାନେ ସମସ୍ତେ ହୋଇବେ
ଗୁପତ । ଘରେ ଘରେ କଳିହେବ ଜାଣ ଅହେ ପାର୍ଥ ॥ ପିତାପୁତ୍ରେ
କଳିହେବ ଶାଶୁ ବହୁଙ୍କର । କଳି ଲାଗିବ ଯେ ତାହା ଅତି ଅଗୋଚର ॥
ଯଥା କାଳେ ମେଘ ପୁଣି ବୃଷ୍ଟି ନ କରିବ । ଶସ୍ୟହାନି ହୋଇବାରୁ
ମରିବେଟି ଜୀବ ॥ ଗାଈମାନେ ଦୁଗ୍ଧବତୀ କେବେ ନ ହୋଇବେ ।
ପିତାମାତା ଚରଣରେ କେହି ନ ସେବିବେ ॥ ମୋ ନାମ ଯେ ଭଜିବ
ସେ ହୋଇବ ଉଦ୍ଧାର । ସତ୍ୟ ସତ୍ୟ ଏହି କଥା ଜାଣ ବୀରବର ॥ ଅର୍ଜୁନ
ବୋଇଲେ ପ୍ରଭୁ ଶୁଣ ଭାବଗ୍ରାହୀ । ନାମର ମହିମା କିଛି କହ ହେ
ଗୋସାଇଁ ॥ ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ଅରଜୁନ । ନାମ ଯେ
ଭଜଇ ସେହୁ ନ ଦେଖେ ଶମନ ॥ ନାମଗୋଟି ହୃଦେ ଯେବେ ସର୍ବଦା
ଜପିବ । ସେ ପ୍ରାଣୀଙ୍କି କେତେବେଳେ ଆପଦ ନୋହିବ ॥ ନାମବିନୁ
ଏ ଜଗତେ ନାହିଁ କିଛି ଆନ । ଯେ ନାମ ଭଜଇ ସେହୁ ମୋହର

Digitized by srujanika@gmail.com

ସମାନ ॥ ଏତେ ବନ୍ଧୁ ଭଗବାନ ହୋଇଲେ ମଉନ । ଦୀନକୃଷ୍ଣ ଦାସ ସଦା ଭଜେ ସନାତନ ॥

ଇତି ଶ୍ରୀନାମଭକ୍ତିଗୀତାୟାଂ ଶ୍ରୀହରି ଅର୍ଜୁନସମ୍ବାଦେ ଯୁଗଧର୍ମନିର୍ଣ୍ଣୟେ
ନାମ ଏକସପ୍ତତିତମୋଽଧ୍ୟାୟଃ ।

—o—

ଦ୍ୱିସପ୍ତତିତମ ଅଧ୍ୟାୟ ।

ପୁଣି ପାର୍ଥ ପୁଚ୍ଛାକଲେ ଶିରେ ଦେଇ କର । ଅବର କଥାଏ ମୋତେ କହ ଚକ୍ରଧର ॥ ପତିହୀନା ନାରୀଙ୍କର ହୁଏ କେଉଁ ଗତି । ସେ କଥା ବିସ୍ତାରି ମୋତେ କହ ଶିରୀପତି ॥ ଶ୍ରୀହରି ବୋଇଲେ ଅଛି କଥା ପଚାରିଲୁ । ବିଧବାନାରୀଙ୍କ କଥା ଯାହା ଜାଣିଥିଲୁ ॥ ତାହା ତୋର ଆଗେ ଏବେ ଦେବାଇ ଯେ କହି । ପତିବିନା ସ୍ତ୍ରୀଙ୍କର ଅନ ସଖା ନାହିଁ ॥ ବିଧବା ନାରୀର ଦଶା କେହୁ କେହି ପାରେ । ଜୀବଥିବା ଯାଏ ସୁଖ ନାହିଁ ତା ସଂସାରେ ॥ ସ୍ୱାମୀହୀନା ହୋଇକରି ଦୁଃଖେ କାଟେ ଦିନ । କାମଶରେ ଘାରି ହେଉଥାଏ ତାର ମନ ॥ ସଧବା ନାରୀ ଯଦ୍ୟପି ଦେଖେ ସେ ନେତ୍ରରେ । ପତି କଥା ଚେତେବେଳେ ପଡ଼ଇ ମନରେ ॥ ଭବଇ ମୋ ହର ଯେବେ ଥାନ୍ତା ପୁଣି ପତି । ଏହିପରି ବୁଲୁଥାନ୍ତି ମୁଁ ଆନନ୍ଦେ ମାତି ॥ ଶେରସ୍ତ୍ରର ଗୁଣ ସବୁ ଗୁଣଇ ହୃଦର । ସ୍ୱାମିର ସନ୍ତୋଷ ଚିନ୍ତି ନଷ୍ଟହୁଏ ତାର ॥ ଯେଣୁ ପାପକଥା ତାର ଉଦୟ ହୁଅଇ । ତେଣୁ ଅନ୍ତିମକାଳରେ ନର୍କକୁ ଗମଇ ॥ ଅପର ଜନମେ ପୁଣି ବଡ଼ ଦୁଃଖ ପାଏ । ଏହିପରି ଅଗତି ଯେ ଲଭନ୍ତି ଯାତାଏ ॥ ଏଥିପାଇଁ ଶାସ୍ତ୍ରରେ ଯେ ହୋଇଛି ବଖାଣ । ସତୀନାରୀ ପତି ସଙ୍ଗେ ତେଜିବ ପରାଣ ॥ ସେ ନାରୀ ନଷ୍ଟେ ବୈକୁଣ୍ଠପୁରକୁ ଚଳିବ । ଇହଲୋକେ ଧନ୍ୟ ଧନ୍ୟ ପଦ ସେ ପାଇବ ॥ ଯେ ଅବା ପ୍ରାଣର ଭୟେ ନ ତେଜିବ ଦେହ । ବ୍ରହ୍ମଚାରିଣୀ ପର୍ଯ୍ୟନ୍ତେ ଥିବ ଅହରହ ॥

Digitized by srujanika@gmail.com

ସଦା ଶୁଚିମନ୍ତ୍ରେ ଥିବ ସତ୍ୟ କହୁଥିବ । ଅପର ସଙ୍ଗରେ କେବେ କଳି ନ କରିବ ॥ କାମ କ୍ରୋଧ ଲୋଭ ମୋହ ପରିତ୍ୟାଗ କରି । ଶୁକ୍ଳବସ୍ତ୍ର ନିଜ ଅଙ୍ଗେ ପରିଧାନ କରି ॥ ହବିଷ୍ୟ ଅନ୍ନ ଭୁଞ୍ଜିଣ କାଟୁଥିବ ଦିନ । ଅଳଙ୍କାର କୁଙ୍କୁମାଦି କରିବ ବର୍ଜନ ॥ ପରପୁରୁଷ ସଙ୍ଗରେ କଥା ନ କହିବ । ସନ୍ଧ୍ୟାହେଲେ ହରିନାମ ସ୍ମରଣ କରିବ ॥ ପୁରାଣ ଶୁଣିବ ବସି ସୁନିର୍ମଳ ଚିତ୍ତେ । ତାମ୍ବୁଳ ସେ ନ ଖାଇବ ଜାଣ କଦାଚିତେ ॥ ଏକାଦଶୀ ଜନ୍ମାଷ୍ଟମୀ ବ୍ରତକୁ ଆଚରି । ନିଦ୍ରାକୁ ତେଜିବ ପ୍ରାତେ ହରିନାମ ଧରି ॥ ଏପରି ହୋଇଲେ ତାର ଗତିମୁକ୍ତି ହୁଏ । ଏଥିରୁ ଅନ୍ୟଥା କଲେ ନରକକୁ ଯାଏ ॥ ଯମଦୂତେ ତାହାକୁ ଯେ ଦଣ୍ଡି ନ ପାରନ୍ତି । ବିଷ୍ଣୁଦୂତେ ତାର ସଦା କିଙ୍କର ହୁଅନ୍ତି ॥ ଚନ୍ଦ୍ରମା ଦେଖିଲେ ଯେସନେ ପଳାଏ ଅନ୍ଧାର । ସେରୂପେ ପାତକରାଶି ହୋଇଯାନ୍ତି ଦୂର ॥ ସତ୍ୟ ସତ୍ୟ ଏହି କଥା ଅଟେ ବୀର ପାର୍ଥ । ଅସତୀ ନାରୀର କଥା ବଡ଼ ଅଦଭୁତ ॥ ପତି ଯେତେବେଳେ ତାର ମରଣ ଲଭଇ । ତତକ୍ଷଣେ କଙ୍କଣାଦି ହସ୍ତୁ ଫେଇଦେଇ ॥ ଅରନ୍ଧନ ପାନଖାଇ ହାତକୁ ହଲାଇ । ଝଣ୍ଟାରେ ଝଣ୍ଟାପୁତାକୁ ଯତନେ ପକାଇ ॥ ବୋଲେ ଯେ ସଂସାରୁ ଗଲା ତାର ପାଇଁ ଶୋକ । କରନ୍ତି ସର୍ବଦା ବସି ଅଜ୍ଞାନୀ ମୂରୁଖ ॥ ସାଧୁ ପଡ଼ୋଶୀ ଯେବେ କିଛି ସେ କହନ୍ତି । ସେମାନଙ୍କୁ ଗାଳିଦେଇ ଫୁଲାଇଣ ଥାନ୍ତି ॥ ପରପୁରୁଷ ସଙ୍ଗରେ ମାତି ଦିନରାତି । ଏପରି ରମଣୀ ଜାଣ ଯାଏ ନର୍କଗତି ॥ ଅନେକ ଦୁଃଖ ପାଏ ସେ ଇହପର ଲୋକେ । ଯାବତମନୁ ବାସକରେ କୁମ୍ଭୀପାକ ନର୍କେ ॥ ନାରୀଙ୍କ ବିଷୟ ତୋତେ କହିଲୁ ଅର୍ଜୁନ । ଆଉ କିସ ଶୁଣିବାକୁ ଇଚ୍ଛା ତୋର ମନ ॥ ତାହା ମୋତେ କହ ତୋତେ କହିବା ବୁଝାଇ । ଯେଣୁ ପ୍ରାଣସଖା ପାର୍ଥ ଅଟୁ ମୋର ତୁହି ॥ ଶୁଣିକରି ଧନଞ୍ଜୟ ହୋଇ କୃତକୃତ୍ୟ । ପାଦେ ପଡ଼ି କରଯୋଡ଼ି ବୋଲଇ ଏମନ୍ତ ॥ ହେ ଦୀନବାନ୍ଧବ ହରି କରୁଣାସାଗର । ତୋହର ଚରଣ-

Digitized by srujanika@gmail.com

ତଲେ ମତ୍ତ ଆତ୍ମ ମୋର ॥ ତୁମ୍ଭ ନାମ ରତ୍ନ ଏ ନୋହଇ ମୁକତ ।
ତାହା ଯୋଗେ ଯେଉଁନର କର ଶିରୋପର ॥ ଶ୍ରୀହରି ବୋଇଲେ
ଏବେ କହୁଅଛୁ ଶୁଣ । ଦୀନକୃଷ୍ଣ ଦାସ କରେ ନାମକୁ ଭଜନ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ବିଧବାନାରୀ
ବିଷୟେ କଥନ ନାମ ଦ୍ୱିସପ୍ତତିତମୋଽଧ୍ୟାୟଃ ।

—— o ——

ତ୍ରିସପ୍ତତିତମ ଅଧ୍ୟାୟ ।

ଶୁଣ ତୁ ହୋ ଅର୍ଜୁନ ବୋଲନ୍ତି ଅଚ୍ୟୁତ । ସେ କଥା ବିସ୍ତାରି ତୋତେ କହିଦେବା ପାର୍ଥ ॥ ସାଠିବରଷର ଧ୍ରୁବ ନାମକୁ ଭଜିଲେ । ମାର୍କଣ୍ଡ ପରମାୟୁ ମୁନି ସରି ଯେ ନୋହିଲେ ॥ ଧନଞ୍ଜୟ ପଚାରିଲେ କହ ତା ବିସ୍ତାର । ଶ୍ରୀହରି କହନ୍ତି ଶୁଣ ହେ ଗାଣ୍ଡୀବଧାରୀ ॥ ମକର ମାସରେ ପୁଣି ଏକାଦଶୀ ଦିନ । ସର୍ବ ମୁନି ଗଙ୍ଗାଜଳେ କଲେ ଯାଇଁ ସ୍ନାନ ॥ ଅଙ୍ଗିରା ଭାର୍ଗବ ଭୃଗୁ ପରାଶର ଶୁକ । ହାରୀତ ବୈଶମ୍ପାୟନ ସନନ୍ଦ ଶୌନକ ॥ ଗାର୍ଗବ ଚ୍ୟବନ ଆଦି ବିଶ୍ୱାମିତ୍ର ଋଷି । ସ୍ନାନସାରି ଏକସ୍ଥାନେ ସର୍ବେ ଛନ୍ତି ବସି ॥ ଏହି ସମୟେ ଅଗସ୍ତି ପୁଚ୍ଛିଲେ ଏସନ । ଆହେ ପରାଶର କହ ହରିଗୁଣମାନ ॥ ସେ ବୋଇଲେ ଅନେକ ମୁଁ ଶାସ୍ତ୍ର ବିରଚିଲି । ହରିଗୁଣ ବର୍ଣ୍ଣିବାକୁ ସକ୍ଷମ ନୋହିଲି ॥ ମୁଁ ସର୍ବ କି କହିପାରେ ତାହାଙ୍କର ଗୁଣ । ଯାହାଙ୍କର ଗୁଣ ସବୁ ବାକ୍ୟେ ଅକଥନ ॥ ପୁଣି ଅଗସ୍ତି ବୋଇଲେ ଆହେ ବ୍ୟାସଦେବ । ଶ୍ରୀହରି ମହିମା ମୋତେ କିଛି ସେ କହିବ ॥ ସେ ବୋଇଲେ ବହୁତ ମୁଁ ପୁରାଣ ରଚିଲି । ହରି ମହିମାର କିଛି ଅନ୍ତ ନ ପାଇଲି ॥ ଶୁକଙ୍କୁ ପୁଚ୍ଛିଲେ ପୁଣି ସେ ଋଷି ଅଗସ୍ତି । ତୁମ୍ଭେ କହିପାରିବ କି ଶ୍ରୀହରିଙ୍କ କୀର୍ତ୍ତି ॥ ସେ କହିଲେ ମୁହିଁ ମଧ୍ୟ କହି ସେ ନ ପାରେ । ବାସୁକୀ ସହସ୍ର ମୁଖେ ଯା ବର୍ଣ୍ଣି ନ ପାରେ ॥ ତାହା ମୁହିଁ କହିବାକୁ ହେବ କି ସାଧନ । ଆନଙ୍କୁ ପଚାର ତୁମ୍ଭେ ଯାଇଁ ତପୋଧନ ॥ ଅଗସ୍ତି ବିରସେ ତହୁଁ ପୁଚ୍ଛିଲେ ନାରଦେ । କହିପାରିବ କି ହରିଗୁଣକୁ ସେ

Digitized by srujanika@gmail.com

ପଚ୍ଛେ ॥ ସେ ବୋଇଲେ ଅଟନ୍ତି ଯେ ଅନାଦି ପୁରୁଷ । ମହିମା ବର୍ଣ୍ଣିବେ କେ ଏ କରଇ ସାହସ ॥ ମୁହିଁ ଛାର କାହିଁ ଅବା ସେ କଥା ଜାଣିବି । ହରି ବ୍ରହ୍ମା ଯେଉଁ ଗୁଣ ନ ପାଇଲେ ଭାବି ॥ ଏହା ଶୁଣି ଅଗସ୍ତି ଯେ ଗଲେ ତତକ୍ଷଣେ । ଅଙ୍ଗିରା ଋଷିଙ୍କୁ ଯାଇଁ ପୁଚ୍ଛିଲେ ସେ କ୍ଷଣେ ॥ ଅଙ୍ଗିରା ବୋଇଲେ ମୁହିଁ କହି ନ ପାରିବି । ବେଦ ଜାଣି ନାହିଁ ଯାର ମହିମାକୁ ସ୍ତବି ॥ ତହୁଁ ଅଗସ୍ତି ପୁଚ୍ଛିଲେ ମାର୍କଣ୍ଡ ମୁନିଙ୍କୁ । ଶ୍ରୀହରି ମହିମା କିଛି କହିବ ଆମ୍ଭଙ୍କୁ ॥ ସେ ବୋଇଲେ ଯୁଗ ଶେଷ ହେଲା ଯେତେବେଳେ । ଭାସି ଯାଉଥିଲି ମୁହିଁ ଅଗାଧ ଜଳେ ॥ ଥଳ କୂଳ ନ ପାଇଣ ମହାଆର୍ତ୍ତି ହୋଇ । ପ୍ରଳୟ ସାଗରେ ହରିନାମ ଥିଲି ଧ୍ୟାଇ ॥ ଜାହ୍ନବର ଦାହିକର ହେ ମଧୁସୂଦନ । ବୋହିଲେ ଅଗାଧ ଜଳେ ଗଲା ମୋ ଜୀବନ ॥ ସେ ଆର୍ତ୍ତ ଧ୍ୱନି ଶ୍ରୀହରି କର୍ଣ୍ଣେ ପ୍ରବେଶିଲା । ତତକ୍ଷଣେ ଜଳୁଁ ଉଦ୍ଧାରି ନେଲେ ଯେ ଅଚ୍ୟୁତେ ॥ ଗର୍ଭ ମଧ୍ୟରେ ନେଇଣ ମୋତେ ଠାବ ଦେଲେ । ସୃଷ୍ଟିରେ ରହିଥା ବୋଲି ପୁଣି ସେ କହିଲେ ॥ ଦେଖିଲି ଶ୍ରୀହରି ଗର୍ଭ ମଧ୍ୟରେ ମୁଁ ଥାଇଁ । କେତେ ନଦ ନଦୀ ପୁଣି ଦୁରଅଛି ତହିଁ ॥ ଗହନ କାନନ ବୃକ୍ଷ ପତ୍ର ପତ୍ର ହୋଇ । ତାହାଙ୍କ ଉଦର ମଧ୍ୟେ ଶୋଭାକୁ ସେ ପାଇ ॥ କେତେ ଯୁଗ ପର୍ଯ୍ୟନ୍ତ ଗର୍ଭେ ମୁଁ ବୁଲିଲି । କେଉଁ ଅନ୍ତେ ତଥ ଅଛି ଜାଣି ନ ପାରିଲି ॥ ବ୍ୟାସ ମହର୍ଷି ହୋଇଲେ ବ୍ରହ୍ମରୁ ଜନ୍ମିତ । ଆଉର ଯେ ଉପୁଜିଲେ ଶୁକ ମହାଯତି ॥ ସେମାନେ କେତେ ପୁରାଣ ରଚନା କଲେ । ସେ ମଧ୍ୟ ହରି ମହିମା ଜାଣି ନ ପାରିଲେ ॥ ଧ୍ରୁବଙ୍କୁ ପଚାର ଅବା କହିବ ତୁମ୍ଭଙ୍କୁ । ମୁହିଁ ଛାର କ୍ଷମ କିବା ତାହା ବର୍ଣ୍ଣିବାକୁ ॥ ଏହା କହି ମାର୍କଣ୍ଡେୟ ଉଠିଲେ ସତ୍ୱର ॥ ଧ୍ରୁବଙ୍କ ଚରଣ-ତଳେ କଲେ ନମସ୍କାର ॥ ଏ ଅନ୍ୟାୟ ଦେଖିକରି ସର୍ବ ତପୋଧନ । ଖେଦ ଚିତ୍ତେ ହୃଦମଧ୍ୟେ ବିଗୁରିଲେ ପୁଣ ॥ ବୋଇଲେ ଅହେ ମାର୍କଣ୍ଡ ଝୁଣ୍ଟେ ମହାମୁନି । ହୋଇକରି ଏ ଅନୀତି କାର୍ଯ୍ୟ କର ପୁଣି ॥ ଦେଖୁଛୁ ଅତ୍ୟନ୍ତ ବାଳକ ଏ ଅଟେ ଧ୍ରୁବ । ତାହାର ବୁଦ୍ଧି ବିବେକ କିସ ଅଛି।

Digitized by srujanika@gmail.com

ଯାବ ॥ ଜାଣି ଶୁଣି ତା ଚରଣେ କଲ ନମସ୍କାର । ଏହା ଦେଖି ଅମ୍ଭଙ୍କୁ ଯେ ଲାଗେ ଚମତ୍କାର ॥ ଏପରି ବଚନ ଶୁଣି ମାର୍କଣ୍ଡ କହିଲେ । ଏ ଧ୍ରୁବଙ୍କୁ ପିଲା ବୋଲି ଯେଉଁଲୋକ ବୋଲେ ॥ ତାଠାରୁ ଅଜ୍ଞାନୀ ବଳ ଜଗତରେ ନାହିଁ । ଏକଥା ତୁମ୍ଭପକ୍ଷରେ ଅଯୁକ୍ତି ଅଟଇ ॥ ମୁହିଁ ଭଲରୂପେ ଜାଣେ ମୋଠାରୁ ବଡ଼ ଏ । ଦୃଢ଼େ ବ୍ରହ୍ମଜ୍ଞାନ ସାଧି ଅଛନ୍ତି ନିଷ୍ଠପ୍ରେ ॥ ମୁନି ଏ ବୋଇଲେ ତାହା ଜାଣିଲ କପରି । ଅଦ୍ୟ ପ୍ରାନ୍ତ ଯେତ୍ନକର କହ ତପସ୍ୱୀ । ମାର୍କଣ୍ଡ ବୋଇଲେ ତାହା ଶୁଣ ଯେ ସମସ୍ତ । ଧ୍ରୁବ ଯେତେବେଳେ ଥିଲେ ମାତା ଗର୍ଭଗତେ ॥ ସେକାଳରୁ ହରିନାମ କରନ୍ତି ସ୍ମରଣ । ଦୃଢ଼ଭାବେ ନାମଧର ପ୍ରେମେ ଥାନ୍ତି ମଗ୍ନ ॥ ଏରୂପେ ହରିନାମକୁ ସଦା ଜପୁଥନ୍ତି । ଯେଉଁଦିନ ମାତାଗର୍ଭୁ ହୋଇଲେ ଉତ୍ପନ୍ନ ॥ କାମ କ୍ରୋଧ ଲୋଭ ମୋହ ହୃଦୟୁ ତେଜିଲେ । ଅହର୍ନିଶି ବସି କୃଷ୍ଣ ନାମ ସେ ଜପିଲେ ॥ ଏଣୁ ସଂସାରେ ଅଛି କହ କେଉଁ ବ୍ୟକ୍ତି । ନିଚ୍ଛେ ନିଚ୍ଛେ ଅମ୍ଭେ ପିଲା ବୋଲୁଅଛୁଁ ଯଥି ॥ ଅମ୍ଭେମାନେ ଯଥି ଅଟୁ ବହୁତ କାଳର । କିନ୍ତୁ ଧ୍ରୁବ ସଙ୍ଗେ ସମ ନୋହୁ ତପୀ-ବର ॥ ଯେହେତୁ ଅମ୍ଭେ ସର୍ବଦା କର୍ମେ ଥାଉ ରତ । ହରିନାମ ଯୋଗୁ ନାହିଁ ପୁଣି ଅବିରତ ॥ ତେଣୁ ତାଙ୍କ ସଙ୍ଗେ ଅମ୍ଭେ ତୁଲ୍ୟ ନ ହୋଇରୁ । ଜାଣୁ ଜାଣୁ ଅମ୍ଭେ ତାଙ୍କୁ ବଡ଼କରି ଭାବୁ ॥ ମୋଠାରୁ ଦୁଇ ବରଷ ବଡ଼ ଅଟେ ଧ୍ରୁବ । ନିଶ୍ଚୟ କହୁଛି ଏହା ମିଛ ନ ମଣିବ ॥ ଏମନ୍ତ ମାର୍କଣ୍ଡ ବାଣୀ ଶୁଣି ଋଷିଗଣ । ନିରୁତ୍ତର ହୋଇଲେ ସେ ଭାଳି ପଞ୍ଚମନ ॥ ହରି ମୁଖୁ ଶୁଣି ଏହା ପାର୍ଥ ତୋଷ ହେଲେ । ନାମରତ୍ନଗୀତା ଦୀନକୃଷ୍ଣ ଦାସ ବୋଲେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଧ୍ରୁବଜାସବଳଦେ
ମାର୍କଣ୍ଡ ତୁଲ୍ୟ ନୋହିବା ବିଷୟ କଥନେ ନାମ
ତ୍ରିସପ୍ତତମୋଽଧ୍ୟାୟଃ ।

——o——

ଚତୁଃସପ୍ତତିତମ ଅଧ୍ୟାୟ ।

ପୁନରପି ପୃଚ୍ଛା କରେ ବୀର ଧନଞ୍ଜୟ । ନାମରତ୍ନ ଗୀତା ମୋତେ କହ ଦୟାମୟ ॥ ଶ୍ରୀହରି ବୋଲନ୍ତି ଶୁଣ ଅହେ ବୀର ପାର୍ଥ । ହରି ପଦଙ୍କେ ଏଥିରୁ ଗଳଇ ଅମୃତ ॥ ତାହା ଏବେ ତୁମ୍ଭ ଆଗେ କହୁଛୁ ବୁଝାଇ । ଯେଉଁ ଗ୍ରନ୍ଥେ ହରିନାମ ନ ଥିବନ୍ତି ରହି ॥ ସେ ଗ୍ରନ୍ଥ ସଂସାର ମଧ୍ୟେ ଅସାରନ୍ତି ଜାଣ । ଯେଉଁ ଗୃହୀ ହରିନାମ ନ କରେ କୀର୍ତ୍ତନ ॥ ସେ ଗୃହ ଅସାର ଅଟେ ଏ କଥା ପ୍ରମାଣ । ପୁଣି ଗୃହୀର ଯେ କର୍ମ-ପଚାରେ ଅର୍ଜୁନ ॥ ଶ୍ରୀହରି ବୋଲନ୍ତି ଯେହୁ ପ୍ରଭାତରୁ ଉଠି । ଗାତ୍ରେ ସ୍ନାନ କରିବ ଯେ ହରିନାମ ରଟି ॥ ନିତ୍ୟକର୍ମ ଆଦି କ୍ରିୟା ତତ୍ପରେ କରିବ । ବିଶୁଦ୍ଧ ଭାବରେ ଯତ୍ନେ ମନ ଆଚରିବ ॥ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଣ ଗୃହକୁ ଆସିବ । ଭକତିରେ ଶ୍ରୀହରିଙ୍କୁ ପୂଜା ସେ କରିବ ॥ ବିଷ୍ଣୁ ଶିରେ ତୁଳସୀ ମଞ୍ଜରୀକୁ ସେ ଦେଇ । ସ୍ତବ ସ୍ତୋତ୍ର ପଢିବ ସେ ଆନନ୍ଦିତ ହୋଇ ॥ ଜୟ ଜୟ ନାରାୟଣ ଭକତଜୀବନ । ଅଜିତ ବୈକୁଣ୍ଠବାସୀ ଅହେ ନାରାୟଣ ॥ ତୁମ୍ଭେ ଗୁହ୍ୟ ଗୂଢ଼ରୂପୀ ଗୁଣ-ଗୁଣବର୍ତ୍ତୀ । ସନାତନ ପୁରାଣ ସ୍ୱରୂପୀ ବିଶ୍ୱପତି । ତୁମ୍ଭେ ଅଟ ଶାର୍ଙ୍ଗ ଅସି ଚକ୍ର ଗଦାଧର । ଦେବ ଦେବ ଜଗନ୍ନାଥ ଅବ୍ୟକ୍ତ ଈଶ୍ୱର ॥ ବାସୁଦେବ ବହୁରୂପ ଅହେ ବୃଷାକପି । ସ୍ୱର୍ଗ ମର୍ତ୍ତ୍ୟ ରସାତଳ ଅଛ ତୁମ୍ଭେ ବ୍ୟାପି ॥ ଶ୍ରୀନିବାସ ବିଷ୍ୱକ୍ସେନ ଅହେ ଜନାର୍ଦ୍ଦନ । ତୁମ୍ଭ ପଦେ ଶତବାର କରୁଛି ପ୍ରଣାମ ॥ ଏହିରୂପେ କହି ହରି ପାଦରେ ପଡ଼ିବ । ତଦନ୍ତେ ଭୋଜନ ଆଦି କର୍ମ ବଢ଼ାଇବ ॥ ଏସନ ଯେ କରେ ତାର ଗତି ମୁକ୍ତି ହୁଏ । ସତ୍ୟ ସତ୍ୟ ଏହି କଥା ଜାଣ ଧନଞ୍ଜୟେ ॥ ଅର୍ଜୁନ ଶୁଣିଣ ବଡ଼ ଆନନ୍ଦିତ ହେଲା । ଶ୍ରୀହରିଙ୍କ ପାଦପଦ୍ମେ ନମସ୍କାର କଲା ॥ ସେ ହରି ପବିତ୍ର ତନ୍ତ୍ର ନାମରତ୍ନ ଗୀତା । ଏକାନ୍ତରେ ବସି ମୁହିଁ କରଇ କବିତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଗୃହୀର
କର୍ତ୍ତବ୍ୟକର୍ମ ବର୍ଣ୍ଣନେ ନାମ ଚତୁଃସପ୍ତତିତମୋଽଧ୍ୟାୟଃ ।

Digitized by srujanika@gmail.com

ପଞ୍ଚସପ୍ତତିତମ ଅଧ୍ୟାୟ ।

ଅହେ କରୁଣାସାଗର ଦୀନ ଦଇତାରି । ମୋହଠାରେ ଏହି କଥା କହ ଦୟା କରି ॥ ନୀଚ ବ୍ୟକ୍ତିଠାରୁ ବିଦ୍ୟା କେ ଶିଖା କରନ୍ତି । ଗୁରୁ ସମାନରେ ମାନି ଚରଣେ ନମନ୍ତି ॥ ଏହି କଥା ଗୋଟି ମୋତେ କହିଦିଅ ହରି । ଶୁଣିଲେ ତବ ମୁଖରୁ ଯିବ ମୁହିଁ ତରି ॥ ଶ୍ରୀହରି ବୋଇଲେ ତାହା ଶୁଣ ଏକମନେ । ବ୍ୟାସ ଶିଅଳର କଥା କହିବା ବିଧାନେ ॥ ସତ୍ୟଯୁଗେ ଏହି ବ୍ୟାସ ଜାତ ହୋଇଥିଲେ । ମୋ ନାମକୁ ଅନ୍ୱେଷି କରି ବନେ ଭ୍ରମୁଥିଲେ ॥ ଏକ ଦିନେ ଭ୍ରମି ଭ୍ରମି ବ୍ୟାସ ତପୋବନ୍ତ । ନୈମିଷାରଣ୍ୟରେ ଯାଇଁ ହେଲେ ଉପସ୍ଥିତ । ଦେଖିଲେ ସେଠାରେ ପୁଣି ଯୋଜନେ ପର୍ଯ୍ୟନ୍ତ । ଖଜୁରୀ କାନନ ବନା ଅଛି ଯେ ନାହିଁତ ॥ ସେ ବନ ମଧ୍ୟରେ ଏକ ଶିଅଳ ସେ ଥାଇ । ନଇଁଯାଅ କହନ୍ତେ ସେ ବୃକ୍ଷ ପଡ଼େ ନଇଁ ॥ ସେଥିରୁ ଦୋରୁଅ ଭାଣ୍ଡ ନେଇ ସେ ଯତନେ । ଯା ଯା ବୋଲନ୍ତେ ବୃକ୍ଷ ସେ ଉଠଇ ତକ୍ଷଣେ ॥ ଦେଖିକରି ତପୋବନ୍ତ ହେଲେ ଚମତ୍କାର ॥ ଭାଳିଲେ ଶିଅଳ ଏହା କରେ କି ପ୍ରକାର ॥ ଭାଳି ଭାଳି ଧୀରେ ଧୀରେ ତା ନିକଟେ ଗଲେ । ତୁମ୍ଭ ନାମ କିସ ବୋଲି ତାହାକୁ ପୁଚ୍ଛିଲେ ॥ କେଉଁ ସ୍ଥାନେ ବସତି ସେ ଅଟଇ ତୁମ୍ଭର । କହୁ କଥା ଅଛି ପୁଚ୍ଛିବାକୁ ସେ ଅମର ॥ ଶୁଣି ଶିଅଳ ବୋଲଇ କୃପାଳୁ ସୋ ନାମ । ଏହି କାନନରେ ଦେଖ ଅଟେ ମୋ ଆଶ୍ରମ ॥ ଏହି ଦୋରୁଅ କାଢ଼ିବା ବେଉସା ଯେ ମୋର । କାହିଁପାଇଁ ପଚାରିଲ ଅହେ ମୁନିବର ॥ ବ୍ୟାସ ବୋଇଲେ ତୁମ୍ଭର କାର୍ଯ୍ୟ ଦେଖିକରି । ମନମଧ୍ୟେ ଅତ୍ୟାଶ୍ଚର୍ଯ୍ୟ ମଣେ ମୁହିଁ ବିଚାରି ॥ କେଉଁ ମନ୍ତ୍ରବଳେ ତୁମ୍ଭେ ଏହି କଥା କର । ସେ ମନ୍ତ୍ର ଶିଖାଇ ମୋତେ ଦିଅ ତତପର ॥ ଶିଅଳ ବୋଇଲା ତୁମ୍ଭେ କେଉଁ ଶାସ୍ତ୍ର ଜାଣ । ବ୍ୟାସ ବୋଇଲେ ଯେ ତାହା ଏକମନେ ଶୁଣ ॥ ଚାରିବେଦ ଷଟଶାସ୍ତ୍ର କାବ୍ୟ ବ୍ୟାକରଣ । ଅଷ୍ଟାଦଶ ପୁରାଣ ଯେ ସ୍ମୃତି

Digitized by srujanika@gmail.com

ଶାସ୍ତ୍ର ପୁଣ ॥ ନାଟକ ଜ୍ୟୋତିଷ ଅଳଙ୍କାର ଆଦିକର । ସ୍ତମ୍ଭନ ମୋହନ
ବଶ୍ୟ ବିଦ୍ୟା ଯେ ବିସ୍ତର ॥ ଗୋଟିକା ଅଞ୍ଜନ ଆଉ ଧରଣ ମାରଣ ।
ବେଦାନ୍ତ ଯୋଗାନ୍ତ ବିଦ୍ୟା ନାଗାନ୍ତ ଯେ ପୁଣ ॥ ଏରୂପେ କେତେ
ଶାସ୍ତ୍ର ମୁଁ କରିଛି ଅଭ୍ୟାସ । ଶୁଣି କହେ ଶିଅଳ ଯେ ହୋଇଲା ଅତି ତୋଷ ॥
ଭାଳିଲା ଏ ତପିମଣି କେତେ ଜ୍ଞାନୀ ପୁଣି । ଏତେ ଶାସ୍ତ୍ର ଜାଣି
ମୋତେ ପୁଚ୍ଛନ୍ତି ଏ ବାଣୀ । ମୁଁ କିସ କହିପାରିବି ନନ୍ଦ ଯାଙ୍କୁ ପୁଣି ।
ଶିକ୍ଷାଦେଲେ ଅବଶ୍ୟେ ଗୁରୁ ବୋଲି ଭଣି ॥ ଏହା ଭାବି ହୃଦୟମଧ୍ୟେ
ବଳ ଉପୁଜିଲା । ନିଧ୍ୟାନରେ ଚାହିଁ ତାଙ୍କୁ ଏମନ୍ତ ବୋଇଲା ॥ ଆଜ
ଆଶ୍ରମକୁ ଫେରି ଯାଆନ୍ତୁ ହେ ବ୍ୟାସ । ଉତ୍ତମ ଦିନେକ ବୁଝି ଆସିବେ
ମୋ ପାଶ ॥ ମୁଁ ଯେବେ ଆଶ୍ରମେ ଜାଣ ନ ଥିବି ହେ ମୁନି । ଦକ୍ଷ
ପୁତ୍ରକୁ ମୋହର ଜାଣ ତପସ୍ୱୀ । କହିଦେଲେ ଖୋଜି ସେହୁ
ତୁରିତେ ଡାକିବ । ଆପଣଙ୍କ ସମୀପେ ମୁଁ ମିଳିବାକୁ ଯିବ ॥ ଏହା ଶୁଣି
ତପୋଧନ ସେଠାରୁ ଫେରିଲେ । ଅନନ୍ଦ ମନରେ ତହୁଁ ଆଶ୍ରମେ
ରହିଲେ । କେତେ ଦିନ ଅନ୍ତରେ ପୁଣି ବୁଝି ବାର ଦିନ । ଶିଅଳ ସମୀପେ
ଗଲେ ତହୁଁ ତପୋଧନ ॥ ଦ୍ୱାରରେ ଉଭା ହୋଇଣ ଡାକନ୍ତେ
ତାହାଙ୍କୁ । ତା ଶୁଣି ଶିଅଳ ପଳାଇଲା ବନସ୍ତକୁ । ସେ ଶିଅଳ ପୁତ୍ର
ତହୁଁ ଘରୁ ବାହାରି ଆସିଲା । କି ହେତୁ ଡାକୁଛ ବୋଲି ଋଷିଙ୍କୁ ପୁଚ୍ଛିଲା ।
ତାହା ଶୁଣି ବୋଇଲେକ ବ୍ୟାସ ତପୋଧନ । କେଉଁ ଆଡ଼େ
ଯାଇଛନ୍ତି ପିତା ତୁମ୍ଭ ପୁଣ ॥ ଦକ୍ଷ ବୋଇଲା ବନକୁ ଯାଇଛନ୍ତି
ତାତ । ସନ୍ଧ୍ୟାରେ ଫେରି ଆସିବେ ଅହେ ତପୋବନ୍ତ । ଶୁଣି ତାହା
ବ୍ୟାସ ତାଙ୍କୁ କିଛି ନ ବୋଇଲେ । ପାଞ୍ଚଦିନ ଆସିବି ପୁଣି ବୋଲି
ଚଳିଗଲେ । ପୁନରପି ବାର ଦିନ ବୁଝି ଶୁଭଦିନେ । ଯାଇଁ ଡାକନ୍ତେ
ଶିଅଳ ଲୁଚିଲା କାନନେ ॥ ସେହିପରି ପାଖେ ଆସି ମିଳିଲା ନନ୍ଦନ ।
ଦେଖିଲେ ଦ୍ୱାରେ ଅଛନ୍ତି ବ୍ୟାସ ତପୋଧନ ॥ ବ୍ୟାସ ବୋଲେ କେଉଁ-
ଠାରେ ଅଛନ୍ତି ତୋ ପିଅର । ଅତିଶୀଘ୍ର ଜଣାଅ ଯାଇଁ ରେ କୁମର ।

Digitized by srujanika@gmail.com

ସେହି କଥା ମାଗିବାଇଁ ଦେବ ଯେ ଆମ୍ଭଙ୍କୁ । ଦକ୍ଷ ବୋଇଲେ ଏ କଥା ଦେବେ ସେ ତୁମ୍ଭଙ୍କୁ ॥ କାହିଁପାଇଁ ବାରଂବାର ଅଟି ଫେରୁଅଛ । ସ୍ୱରୂପ ନ କହୁ ଛପା ମନରେ ପାଉଛ । ବ୍ୟାସ ବୋଇଲେ କହୁଛ ଏବେ ତାହା ଶୁଣ । ଏକଦିନେ ଦେଖିଲଇଁ ପିତା ହେ ଏମନ ॥ ଖର୍ଜ୍ଜୁର ବୃକ୍ଷର ମୂଳେ ଛିଡ଼ାହୋଇ କରି । କମନ୍ତ୍ର ପାଠକଲ୍ଲ ମନେ ମନେ ସ୍ମରି ॥ ତତକ୍ଷଣେ ସେହି ବୃକ୍ଷ ନଇଁ ଯେ ପଡ଼ିଲା । ସେ କଥା ଦେଖିଣ ମୋତେ ଆଶ୍ଚର୍ଯ୍ୟ ଲାଗିଲା ॥ ସେ ମନ୍ତ୍ର ଶିଖିବ ପାଇଁ କହନ୍ତି ମୁଁ ତାଙ୍କୁ । ବୋଇଲ୍ଲ ସେ ଅନ୍ୟ ଦିନେ ପୁଚ୍ଛିବ ଆମ୍ଭଙ୍କୁ ॥ ବ୍ୟାସଙ୍କ ବଚନ ଶୁଣି ଦକ୍ଷ ତହୁଁ ହସି । ବୋଲନ୍ତି ଏ ଛାର କଥାକୁ ଏତେ ବାଇ ଅଛି ॥ ଆଗରୁ ମୋତେ ଯଦ୍ୟପି ଏହା କହୁଥାନ୍ତ । ବାରଂବାର କାହିଁ-ପାଇଁ ବୃଥା ଦଉଡ଼ନ୍ତ ॥ ବ୍ୟାସ ବୋଇଲେ ଯେ କଥା ଯେବେ କହି-ଦେବ । କପାଇଁ ଆମ୍ଭର ଅବା ଦଉଡ଼ ହୋଇବ ॥ ତୁମ୍ଭମୁଖୁ ଶୁଣି ମୁହିଁ ନିଶ୍ଚିନ୍ତ ହୋଇବ । ଗୁରୁ ପରାୟେ କରଣ ସଦା ମାନିଥିବ ॥ ଶୁଣି ତହୁଁ ଦକ୍ଷ ବୋଲେ ଅସ ଆମ୍ଭ ରଷି । ଏକାନ୍ତ ସ୍ଥାନେ ତୁମ୍ଭଙ୍କୁ କହି-ଦେବା ବସି ॥ ଏହା ଶୁଣି ମୁନିବର ଆନନ୍ଦିତ ହେଲେ । ଦକ୍ଷର ସଙ୍ଗତେ ଗୁପ୍ତ ସ୍ଥାନକୁ ଚଳିଲେ ॥ ଏକାନ୍ତରେ ବସି ତାଙ୍କଠାରୁ ଯେ ଶିଖିଲେ । ବେଦତତ୍ତ୍ୱ ମନ୍ତ୍ରନାମ ବୋଲିଣ ଜାଣିଲେ ॥ ତାହାକୁ ଯେ ବେଦତତ୍ତ୍ୱ ମନ୍ତ୍ର ନ ଅଟଇ । ଯାହାକୁ ଅଟେ ସାକ୍ଷାତେ ବ୍ରହ୍ମରୂପୀ ସେହି ॥ ଜୀବବ୍ୟକ୍ତି ହୃଦୟରେ ଯେବେ ଥିବ ଶୁଣ । ଜମୂନଦ ପଥ ତାହା କରିବ ଗ୍ରହଣ ॥ ମନ୍ତ୍ର ଶିକ୍ଷି ବ୍ୟାସରୁଷି ସନ୍ତୋଷିତ ହେଲେ । ବିଦାୟ ନେଇ ସେଠାରୁ ଗୃହକୁ ଫେରିଲେ ॥ ମନ୍ତ୍ରକଥା ବଢ଼ିବାକୁ ଭାଳ ହୃଦୟରେ । ନାରିକେଳ ତରୁ ଏକ ଦେଖି ଅଗ୍ରତରେ ॥ ମନ୍ତ୍ରପଢ଼ି ନଇଁ ପଡ଼ କହନ୍ତେ ତାହାକୁ । ତତକ୍ଷଣେ ଭାର ଶିର ଲାଗିଲା ଭଳିକୁ ॥ ଦେଖିକରି ବ୍ୟାସମୁନି ହେଲେ ଚମତ୍କାର । ନାରିକେଳ ଏକ ତୋଳି ଧରିଲେ ସତ୍ୱର ॥ ଯାଅ ଯାଅ ବୋଲନ୍ତେ ସେ ତହୁଁ

Digitized by srujanika@gmail.com

ଉଠିଗଲା । ଯେପରି ଥିଲା ସେପରି ହୋଇଣ ରହିଲା ॥ ତାହା ଦେଖି ବ୍ୟାସ ବଡ଼ ଆନନ୍ଦିତ ହେଲେ । ମନ୍ତ୍ରସିଦ୍ଧ ହେଲା ବୋଲି ମନରେ ଭାଳିଲେ ॥ ସେଠାରୁ ଦକ୍ଷଙ୍କୁ ଗୁରୁତୁଲ୍ୟ ଜ୍ଞାନ କରି । ଆପଣାର ଆଶ୍ରମକୁ ଗଲେ ତପସ୍ୱୀ ॥ ଯହିଁ ଅଠାଶୀ ସହସ୍ର ଛନ୍ତି ତପୋଧନ । ତାଙ୍କ ମଧ୍ୟେ ବସି ହେଲେ କଥୋପକଥନ ॥ ଏଣେ ଶୁକ ଥିଲେ ବନକୁ ଯାଇଥିଲେ ପୁଣି । ଗୃହକୁ ଫେରିଲେ ହେନ୍ତେ ଅର୍ପଣ ରଜନୀ ॥ କବାଟରେ ହୋଇଛି ଭାର ବନ୍ଦ ଅଛି ଆଗେ । ଦ୍ୱାରରେ ପ୍ରବେଶ ପୁତ୍ରନାମ ଧରି ଡାକେ ॥ ଦକ୍ଷ ପିତାର ଡାକକୁ ଶୁଣିଣ ଧାଇଁଲେ । ଜନକଙ୍କ କବାଟରୁ ଭାର କାଢି ଥୋଇଦେଲେ । ବ୍ୟାସଙ୍କ କଥାକୁ ଅଗ ଜଣାଏ ପିତାକୁ । ଏ ମନ୍ତ୍ର ଦେବାକୁ ତୁମ୍ଭେ କହିଥିଲ ତାଙ୍କୁ ॥ ସେ ଆସି ଆମ୍ଭ ଗୃହରେ ତୁମ୍ଭଙ୍କୁ ଖୋଜନ୍ତି । ନାହିଁ ବୋଲି କହିଦେଲେ ଲେଉଟି ଯାଆନ୍ତି ॥ ଶୁକ ଥିଲେ ସେ କଥା ଶୁଣି ହସିଣ ବୋଲଇ । ବୃଷନୁଁ ମନ୍ତ୍ର ଶିକ୍ଷା କରି-ବାର ପାଇଁ ॥ ଆସିଥିଲେ ମୁନିବର ଜାଣଇ ଏ କଥା । ଲୁଚି ବନେ ରହିଥିଲି ଜାଣି ଆରେ ପୁତା ॥ କିରୂପେ ବ୍ୟାସଙ୍କୁ ମୁହିଁ ତାହା କହି-ଥାନ୍ତି । କହିଦେଲେ ନିଜଜ୍ଞାନ ହରଇ ବସନ୍ତି ॥ ପୁଣି ସେ ଋଷି ଜାଣନ୍ତି ଚିନି ସର୍ବବେଦ । କିରୂପେ କହନ୍ତୁ ତାଙ୍କୁ ଆମ୍ଭେ ମନ୍ତ୍ରପଦ ॥ ଆମ୍ଭେ ଜାଣିରେ ଶିଖିଲ ସେହୁ ପୁଣି ଯତ୍ନ । ମନ୍ତ୍ର ଦେଲେ ଅବଶ୍ୟ ମୁଁ ଗୁରୁ ସେ ହୁଅନ୍ତି ॥ ଏଣୁ ଲୁଚି ଥାଏ ତାଙ୍କୁ ଦେଖା ଯେ ନ ଦଏ । ମୋତେ ନ ଦେଖିଣ ଫେରି ଯାଆନ୍ତି ନିଶ୍ଚୟ ॥ ଏହା ଶୁଣି ଦକ୍ଷପୁତ୍ର ଆଶ୍ଚର୍ଯ୍ୟ ହୋଇଲା । କି କଲ ବୋଲି ପିତାକୁ କହନ୍ତେ ବୋଇଲା ॥ ଆଜ ନ ଜାଣି ଋଷିଙ୍କୁ ମନ୍ତ୍ର କହିଦେଲି । ତୁମ୍ଭେ ଲୁଚନ୍ତି ବୋଲି ମୁଁ କିପରି ଜାଣିଲି ॥ ଶିଖିଲ କହଇ ପୁତ୍ର କେଡ଼େ କଥା କଲୁ । ଏଡ଼େ ବଡ଼ ମନ୍ତ୍ରକୁ ତୁ ପଦାରେ ପିଙ୍ଗିଲୁ ॥ ବ୍ରହ୍ମା ଇନ୍ଦ୍ର ମହେଶଙ୍କୁ ଯେ କଥା ଅଜଣା । ତାହା କେଉଁପରି କହିଲୁ ତୁ ହୋଇ ବଣା ॥ ମାତ୍ର ତାହାଙ୍କର ସେହି ନୋହିବ ସେ ସିଦ୍ଧି । ବଳେ ଯାଚିଦେଲେ କେବେ

Digitized by srujanika@gmail.com

ନ ଜାଣେ ଔଷଧ ॥ ଅକାରଣେ ତାହାଙ୍କୁ ତୁ ଦେଲୁ ସିନା କଷ୍ଟ ।
ଯାଚିଦେଲା ମନ୍ତ୍ର ଜାଣ ମନେ ନ ରହଇ ॥ ଦକ୍ଷ କହନ୍ତି ତାଙ୍କର ମନ୍ତ୍ର
ଦେବ ସିଦ୍ଧି । ମୂର୍ଖଲୋକର ହୃଦଇ ସିନା ବିଦ୍ୟା ବୃଦ୍ଧି ॥ ବେଦ
ବିଦ୍ୟାରେ ପାରଗ ଅଟନ୍ତି ସେ ଯେଣୁ । ଅବଶ୍ୟ ତାଙ୍କର ମନ୍ତ୍ର ସିଦ୍ଧ
ହେବ ତେଣୁ ॥ ବ୍ୟାସ ସମାନ ମୁନିଙ୍କି ମନ୍ତ୍ର ଦେବ ନାହିଁ । ଏ ବୃଥା
ଭାବନା ଚିନ୍ତା କରିଲ କିପାଇଁ ॥ ଶିଥିଳ ବୋଇଲେ ସୁତ କହିଲୁ ଯା
ସତ୍ୟ । ଗୁରୁଙ୍କୁ ଯେ ନ ମାନଇ ଅସିଦ୍ଧ ତା ମନ୍ତ୍ର ॥ ଗୁରୁତୁଲ୍ୟ
ତୋତେ ଯେବେ ମଣିବେ ସେ ସୁତ । ଅବଶ୍ୟ ମନ୍ତ୍ର ତୋହର ସଫଳ
ହେବତ ॥ ଅନେକ ଜନ୍ମରୁ ପୁଣି ଥିଲ ଭୁଲରେ । ତାଙ୍କର ଭକ୍ତି
ନୋହିବ କଦା ଅମ୍ଭଠାରେ ॥ ଭକ୍ତି ନ କଲେ ମନ୍ତ୍ର ବିଫଳରେ
ଯିବ । ଏ କଥା ପଣ୍ଡିତ କହିଲୁ ଜାଣିଥାଅ ଧ୍ରୁବ ॥ ଦକ୍ଷ ବୋଇଲେ
ପିଥିବ ଯିବା ତେବେ ଚାଲ । ବ୍ୟାସଙ୍କ ନିକଟ ଭାବ ବୁଝିବା ସକଳ ॥
କୃପାଳୁ ବୋଇଲେ ସୁତ ମୁଁ କିପାଁ ଯିବଇଁ । ତୋ ଶିଷ୍ୟର ଗୁଣ ବୁଝି-
ଆସ ତୁହି ଯାଇଁ ॥ କାଲି ପ୍ରଭାତରୁ ଉଠି ନିତ୍ୟକର୍ମ ସାରି । ବ୍ୟାସଙ୍କ
ପାଶକୁ ଯିବୁ ଅତି ବେଗକରି ॥ ଏହିରୂପେ ପିତାପୁତ୍ର କଥାବାର୍ତ୍ତା
ହୋଇ । ଭୋଜନ କରି ନିଶ୍ଚିନ୍ତେ ପଡ଼ିଲେ ଯାଇ ॥ ଏଥୁଅନ୍ତେ
ରାତ୍ରିଶେଷ ଅଟଇ ହୋଇଲା । ପୂର୍ବଦିଗେ ଦିନକର ଜ୍ୟୋତି
ଦେଖାଗଲା ॥ ବେଗେ ଉଠି ଦକ୍ଷ ନିତ୍ୟକର୍ମ ଶେଷକରି । ପିତାଙ୍କୁ
ବିଦାୟ ମାଗି ଗଲେ ସେ ବାହାରି ॥ ପ୍ରବେଶ ହୋଇଲେ ବ୍ୟାସମୁନିଙ୍କ
ପାଶରେ । ଦେଖିଲେ ବସିଅଛନ୍ତି ଋଷିଙ୍କ ମେଳରେ ॥ ଖଣ୍ଡେଦୂରରେ
ରହି ଦକ୍ଷ ନ ଗଲେ ଭରସି । ଏ ସମୟେ ଶୁଣି ଦ୍ୟନ୍ତେ ସେ ବ୍ୟାସ ମହର୍ଷି ॥
ଚକ୍ଷିପାତିଲେ ଏ ଦକ୍ଷ ଅଟେ ଅମ୍ଭ ଗୁରୁ । କିପାଇଁ ଅସିଲେ ପୁଣି
ଏତେ କଷ୍ଟ କରି ॥ ଅମ୍ଭେ ଯେବେ ନ କରିବା ଯାଇଁ ସମାଦର ।
ଗୁରୁଙ୍କୁ ସଂସାରେ ଅଉ ନ ମାନିବେ ନର । ମନ୍ତ୍ରଦେଲ ଗୁରୁଙ୍କୁ
ଯେବ୍ୟେ ନ ପୂଜିବା । ଲୋକରେ ଅଖ୍ୟାତି ପୁଣି ପାତକ ଲଭିବା ॥ ମନ୍ତ୍ରେ

Digitized by srujanika@gmail.com

ସଫଳ ନୋହିବ ନାଶଯିବ ପୁଣ୍ୟ । ସଭାରୁ ଉଠିଲେ ବ୍ୟାସ ଏମନ୍ତ ଭାବଣ ॥ ଋଷିଙ୍କୁ ବୋଇଲେ ତୁମ୍ଭେ ବସିଥାଅ ସର୍ବେ । ସାଧୁଙ୍କୁ ଦର୍ଶନ ଅମ୍ଭେ କରିଅଛୁ ଯିବେ ॥ ଏହିରୂପ କହି ବ୍ୟାସ ନେଇଣ ଆସନ । କମଣ୍ଡଳେ ନୀରଭରି ଚଳିଲେ ବଦନ ॥ କୃପାଳୁ ପୁରର ପାଶେ ପ୍ରବେଶ ହୋଇଲେ । କୃଷ୍ଣାଜିନ ସ୍ଥଳଗୋଟି ବିଛାଇଣ ଦେଲେ ॥ ଆସନରେ ବସାଇଣ କଲେ ଦଣ୍ଡବତ । ବେନି ପାଦଧୋଇ ନୀର ସିଞ୍ଚି ଶିରଗତ ॥ ବ୍ୟାସ ମୁନିଙ୍କର ମାନ୍ୟ ଦେଖିଣ ଶିଅଳ । ମନେ ମହାଭୟ କରି ଉଠିଲେ ତତକାଳ ॥ ବୋଇଲା କିପାଇଁ ମୋତେ କଲ ନମସ୍କାର । ପଦେ ମନ୍ତ୍ର କହିଥିଲ କର୍ଣ୍ଣରେ ତୁମ୍ଭର । ସେହେତୁ ଏତେ ଭକତି କର ମୋର ପ୍ରତି । ତୁମ୍ଭଠାରୁ ମାନ୍ୟେ ବଡ଼ ମୁଁ କି ଅଟେ ଯତି ॥ ବ୍ୟାସ ବୋଇଲେ ଆପଣ ଗୁରୁ ସାକ୍ଷାତରେ । ଗୁରୁଙ୍କୁ ପୂଜିଲେ ପୁଣ୍ୟ ହୁଅଇ ସଂସାରେ ॥ ମନ୍ତ୍ର ଯେବଣ ଗୁରୁଙ୍କୁ ଯେବେ ନ ମାନିବ । ସୁକୃତହାନି ହୋଇଣ ନରକକୁ ଯିବ । ଶିଅଳ ବୋଲି ତୁମ୍ଭଙ୍କୁ ଅମ୍ଭେ କି କହିବା । ସାକ୍ଷାତରେ ଗୁରୁ ଯେଣୁ ତେଣୁଟି ପୂଜିବା ॥ ଗୁରୁଙ୍କୁ ଯେବଣ ଶିଷ୍ୟ ଅମାନ୍ୟ କରଇ । ସାତଜନ୍ମ ଯାଏ ସେହି ନର୍କ ଭୋଗୁଥାଇ ॥ ପାଠ ପଢି ଗୁରୁଙ୍କୁ ଯେ ନ ଦିଏ ଦକ୍ଷିଣା । ସଂସାରେ ମୂର୍ଖ ମଧ୍ୟରେ ହୁଅଇ ସେ ଗଣା ॥ ଗୁରୁଙ୍କୁ ପ୍ରତ୍ୟହ ଯେହୁ କରେ ନମସ୍କାର । ତାହାଠାରୁ ପୁଣ୍ୟ ପ୍ରାଣୀ କେ ଅଛି ସଂସାର ॥ ଗୁରୁଙ୍କୁ ବିଷ୍ଣୁ ସମାନ ଯେମାନେ ମଣନ୍ତି । ତାଙ୍କ କନ୍ଧୁ ଲକ୍ଷ୍ମୀ କେବେ ଛାଡ଼ି ନ ଯାଆନ୍ତି ॥ ଦେହାନ୍ତେ ବୈକୁଣ୍ଠ ଗତି ପୁଣି ସେ ଲଭଇ । ଏରୂପେ ଗୁରୁଙ୍କ ଅଗ୍ରେ ବ୍ୟାସମୁନି କହି ॥ କୋଟିଏ ସୁବର୍ଣ୍ଣ ଆଣି ଦକ୍ଷିଣା ଯେ ଦେଲେ । ଗୁରୁଙ୍କୁ ମେଲାଣି କରି ପୁରକୁ ଅଇଲେ ॥ ସେ ଶିଅଳ ପୁତ୍ର ଗଲା ନିଜ ଭୁବନକୁ । ପୁତ୍ରକୁ ଦେଖି କୃପାଳୁ ବୋଇଲେ ଯେ ତାକୁ ॥ କହ ବାବୁ ବ୍ୟାସ ଦେଖି କଲେ କି ଭକତି । ଦକ୍ଷ ବୋଇଲା ହେ ପିତା ଶୁଣ ଦେଇ ମତି ॥ ପ୍ରଥମେ ଚରଣ ଧୋଇ ମୁଣ୍ଡେ ସିଞ୍ଚି ଦେଲେ ।

Digitized by srujanika@gmail.com

ଆସନରେ ବସାଇଣ କୃତକୃତ୍ୟ ହେଲେ ॥ ତତପରେ ଏ ଦକ୍ଷିଣା-
ମାନ ଦେଲେ ମୋତେ । ଦେଖି କର କୃପାଳୁ ଯେ ଆନନ୍ଦିତ ଚିତ୍ତେ ॥
ଘେନିଲା ବ୍ୟାସଙ୍କ ମନ୍ତ୍ର ହେଲା ପରାପତ । ଏହିରୂପେ କଥାବାର୍ତ୍ତା ହୁନ୍ତି
ପିତା ପୁତ୍ର ॥ ଏ ସମୟେ ଦିବ୍ୟରଥ ମିଳିଲା ଅଗରେ । ବସ୍ତ୍ର ଦୂତେ
ସେ ଦୁହିଙ୍କୁ ବସାଇ ରଥରେ ॥ ବୈକୁଣ୍ଠଭୁବନେ ବସ୍ତ୍ର ସମୀପେ
ଛାଡ଼ିଲେ । ପ୍ରଭୁଙ୍କ ପାଦ ସେବି ସେ ସର୍ବଦା ରହିଲେ ॥ ହରେକୃଷ୍ଣ
ଦାସ ସଦା ସେ ପ୍ରଭୁଙ୍କ ଭୃତ୍ୟ । ତ୍ରାହି କରିବେ ବିପଦୁଁ ମୋତେ
ଜଗନ୍ନାଥ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଦାସ ଶିଅଳି
କର୍ତ୍ତୃକ ବ୍ୟାସଙ୍କ ମନ୍ତ୍ର ଦୀକ୍ଷା ବିଷୟ ବର୍ଣ୍ଣନେ ନାମ
ପଞ୍ଚସପ୍ତତିତମୋଽଧ୍ୟାୟଃ ।

— ଃ୦ଃ୦ଃ —

ଷଷ୍ଠସପ୍ତତିତମ ଅଧ୍ୟାୟ ।

ଭୋଳାନାଥ ପଟ୍ଟନାୟକ ପୁସ୍ତକାଳୟ ଓଡ଼ିଶା, ଭୁବନେଶ୍ୱର

ଶ୍ରୀକୃଷ୍ଣ ପାଦପଦ୍ମରେ କରି ଦଣ୍ଡବତ । କରଯୋଡ଼ି ପଚାରଇ
ବୀରବର ପାର୍ଥ ॥ ବୋଇଲା ଏଥିରେ ମୋର ଜନ୍ମଇ ସନ୍ଦେହ ।
ସେ ଶିଅଳି କି ଏ ଥିଲା କହ ଦୟାମୟ ॥ ଶିଅଳି ପାଦରେ ଋଷି କଲେ
ନମସ୍କାର । ତାହାର ଦେହ ବିପର ରହିଲା ଶ୍ରୀଧର ॥ ଏ କଥା ମନେ
ମୋହର ସନ୍ଦେହ ଜନ୍ମୁଛି । ଅନୁଗ୍ରହ କରି ତାହା କହ ଶିଶ୍ୱାବସ୍ତ୍ରି ॥
ଶ୍ରୀକୃଷ୍ଣ ବୋଇଲେ ତହିଁ କିଛି ଦୋଷନାହିଁ । ଶିଷ୍ୟଠାରୁ ଗୁରୁ ଯେଣ
ପ୍ରଧାନ ଅଟଇ ॥ ଗୁରୁ ତୁଲ୍ୟ ମାନ ଯେତେ କରିବ ପ୍ରତ୍ୟୟ । ନୀଚଜାତି
ହେଉ ପଛେ ଅଟେ ପୂଜନୀୟ ॥ ମାନଲେ ପଥର ପୁଣି ଦେଉଅଛି ବର ।
ଏଥିକୁ ସନ୍ଦେହ କପାଁ ଜନ୍ମିଲା ତୋହର ॥ ବିଶ୍ୱାସ କର ମନରେ
ନ ଧର ଭୁ ଆନ । କୃପାଳୁ ଶିଅଳିର ଯେ ଇତିହାସ ଶୁଣ ॥ ସେହି
ବ୍ୟକ୍ତି ସାମାନ୍ୟ ଯେ ନୁହଇ ଜାଣିବ । ନୀଚ କୁଳରେ ଜନ୍ମିଲେ କି
ଅବା ହୋଇବ ॥ ବୈକୁଣ୍ଠ ପୁରରେ ଯେଉଁ ବସ୍ତ୍ର ଛନ୍ତି ରହି । ସେ ପ୍ରଭୁ

Digitized by srujanika@gmail.com

ପାଦରେ ପାଞ୍ଚବ୍ରହ୍ମା ଖଟୁଥାଇ ॥ ସେ ପାଞ୍ଚ ବ୍ରହ୍ମାଙ୍କ ନାମ ଶୁଣ ଦେଇ
ମନ । ଏକ ବ୍ରହ୍ମାଙ୍କର ନାମ ଦକ୍ଷ ସେ ଜାଣିମ ॥ ଚତୁର୍ମୁଖ ବହୁ ପୁଣି
ଶତମୁଖ ଧାତା । ସହସ୍ରମୁଖ କୋଟି ମୁଖ ଏ ପଞ୍ଚବିଧାତା ॥ ସଦା ରହୁଥାନ୍ତି
ଏହୁ ବିଷ୍ଣୁଙ୍କ ପାଶରେ । ଷୋଡ଼ଶୋପଚାର ପୂଜା ବିଧି ବିଧାନରେ ॥
ଆସନ ସ୍ୱାଗତ ଅର୍ଘ୍ୟ ପାଦ୍ୟ ଅଚମନ । ଗନ୍ଧ ପୁଷ୍ପ ଧୂପ ଦୀପ
ନୈବେଦ୍ୟ ଯେ ପୁଣ ॥ ସଦା ସମ୍ମାରେ ବିଷ୍ଣୁଙ୍କ ସୁଦେ ରହିଥାନ୍ତି ।
ଏକଦିନେ ଦକ୍ଷବ୍ରହ୍ମା ହୋଇ ଭୋଳମତି ॥ ଗଞ୍ଜାଇ ଦଳ ତାହାକୁ
କୌତୁକରେ ଖାଇ । ପୂଜିଲେ ଯାଇଣ ସେହୁ କମଳାର ସାଇଁ ॥
ମନ୍ତ୍ର ପଢ଼ିବା କାଳରେ ଛାଡ଼ିଲେ ଅକ୍ଷର । ମହାକ୍ରୋଧେ କରନ୍ତି ଯେ
ଲକ୍ଷ୍ମୀପତି ଶ୍ରୀର ॥ ଅକ୍ଷର ହୁଡ଼ିବା କଥା ଜାଣି ବିଶ୍ୱପତି । ବୋଇଲେ
ପୂଜା ନ କର ମୋତେ ପଶୁପତି ॥ ଗଞ୍ଜାଇକଳି ଖାଇଣ ଭୋଳ ତୁ
ହୋଇଲୁ । ଷୋଡ଼ଶାକ୍ଷରରୁ ଏକ ଅକ୍ଷର ହୁଡ଼ିଲୁ ॥ କୁଥାକୁ ଶିଖିଲ
ନାମେ ଜନମ ମର୍ତ୍ତ୍ୟରେ । ଏହି ଅପରାଧେ ଜନ୍ମ ତୁ ନୀଚଜାତିରେ ॥
ଶୁଣିକରି ଦକ୍ଷବ୍ରହ୍ମା ହୋଇଲେ ବ୍ୟାକୁଳ । ବିନୟଭାବ ବନ୍ଦନ କଲେ
ପାଦତଳ ॥ ବୋଇଲେ ହେ ଶଙ୍ଖ-ଚକ୍ର-ଗଦାଧର ହରି । ଏ ଦୋଷକୁ
କ୍ଷମାକର ମୋତେ ଦୟାକରି ॥ ବିଷ୍ଣୁ ବୋଇଲେ ମୋ କଥା ଅନ୍ୟଥା
ନୋହିବ । ଅବଶ୍ୟ ତୁମ୍ଭ ମର୍ତ୍ତ୍ୟରେ ଜନମ ହୋଇବ ॥ ଆମ୍ଭର
ଆଜ୍ଞାରେ ଏବେ ମର୍ତ୍ତ୍ୟେ ଜାତହୁଅ । କଲା କର୍ମ ଭୋଗକର ଅଥୟ
ନ ହୁଅ ॥ ଦକ୍ଷ ବୋଇଲା ତାହାର କହ ପ୍ରତିକାର । କେଉଁରୂପେ
ଆସିବଇଁ ଲଭିଣ ନିସ୍ତାର ॥ ସନ୍ତୋଷେ ବିଷ୍ଣୁ ତାହାକୁ ବୃକ୍ଷମନ୍ତ୍ର
ଦେଲେ । ତାହାର ଭେଦଭେଦ ଗୁଣ ବିସ୍ତାରି କହିଲେ ॥ ଅପଣା
ବ୍ୟବସାୟେ ତୁ କଟାଉଥିବୁ କାଳ । ତୋହର ବୀର୍ଯ୍ୟରେ ଜାତ ହେବ
ଏକବାଳ ॥ ସେ ନନ୍ଦନେ ଏହି ମନ୍ତ୍ର ଶିକ୍ଷା ତୁହି ଦେବୁ । ଦୁଃଖେ
ସୁଖେ ରହି ତହିଁ ଦିନ କଟାଇବୁ ॥ ହୋଇବୁ ଆଣିବା ପାଇଁ
ବନେ ଏକଦିନେ । ଭୁଲୁଥିବୁ ବ୍ୟାସ ଋଷି ଭେଟିବେ କାନନେ ॥

Digitized by srujanika@gmail.com

ତୋର ସ୍ୱବଶ୍ରଦ୍ଧ ଦେଖି ହେବେ ଚମତ୍କାର । ଶିଖିବା ପାଇଁକି କହାଇବେ ବାରବାର ॥ କପଟେ ଭୁଞ୍ଜି ଗୃହୀଙ୍କୁ ପେଷଣ ଅସିଦ୍ଧ । ସେ ଅସିଲେ ପୁଣି ଯାଇଁ କାନନେ ଲୁଚନ୍ତି ॥ ତୋ ସୁତ ତାହାଙ୍କୁ ମନ୍ତ୍ର ଦେବ ଯେତ୍ନଦନ ॥ ଏଥେଁ ଥସିବ ତାହାର ପଚେଦନ ଜାଣ ॥ ପାପଆତ୍ମା ଦକ୍ଷବ୍ରହ୍ମା କୁଁପାକୁ ହୋଇଲା । ପୁଣ୍ୟଆତ୍ମା ପୁତ୍ର ସ୍ୱରୂପରେ ଜନମିଲା ॥ ମନ୍ତ୍ରଦେଇ ବ୍ୟାସଙ୍କୁ ସେ ହୋଇଲେ ମୁକତ । ମନେ ନ ଧରବୁ ନୀଚ ବୋଲି ଭୁଞ୍ଜି ପାର୍ଥ ॥ ନୀଚକୁଳେକେ ଜାତହେଲେ ଗୁଣୀ ସେ ହୁଅନ୍ତି । ସାମାନ୍ୟ ତାହାଙ୍କୁ ନ ମଣିବ ଜ୍ଞାନୀ ବ୍ୟକ୍ତି ॥ ପୂର୍ବେ ସାମାନ୍ୟ ଦୋଷରେ ବଡ଼ଲୋକ ପୁଣ । ମର୍ତ୍ତ୍ୟେ ନୀଚଘରେ ହୋଇଥାଏ ସେ ଜନମ ॥ ପ୍ରକୃତରେ ନୀଚଜାତି ନୋହେ ଗୁଣୀ ବ୍ୟକ୍ତି । ପୂର୍ବଦୋଷରୁ ଜନମିଥାଏ ପୁଣି ସିଦ୍ଧ ॥ ଶୁଣିକରି ଅରଜୁନ ଆନନ୍ଦିତ ହେଲା । ଶ୍ରୀହରି ପଦ୍ମରେ ନକତରେ ପ୍ରଣମିଲା ॥ ଉଠି କରଯୋଡ଼ି ବୋଇଲ ତୁମ୍ଭେ ଗୁରୁ ମୋର । ଅବର ଗୁରୁ ଟୋଲ୍ଲଅ ଜଗତ ପ୍ରାଣୀର ॥ ତୁମ୍ଭେ ଅଗତିର ଗତି ଅଟ ଦଇତାରି । ବ୍ରହ୍ମାଦି ଦେବତା ତୋତେ ଆରାଧନା କରି ॥ ତବ ଚରଣ ତଳରେ ରହୁ ମୋର ମନ । ହରେକୃଷ୍ଣ ଦାସ ହୁଦେ ଘଲେ ସେ ଚରଣ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ କୃପାଳୁଗିଅଳ
ପୂର୍ବଜନ୍ମବୃତ୍ତାନ୍ତ କଥନେ ନାମ
ଷଷ୍ଠସପ୍ତତିତମୋଽଧ୍ୟାୟଃ ।

ସପ୍ତସପ୍ତତିତମ ଅଧ୍ୟାୟ ।

ପୁଣି ମସ୍ତକରେ କରଯୋଡ଼ି ଅରଜୁନ । ବୋଲେ ଭକ୍ତଙ୍କର କଥା କହ ଭଗବାନ ॥ ତବ ମୁଖୁ ଶୁଣି ମୁହିଁ ହୋଇବି କୃତାର୍ଥ । ପା[illegible]ଣ୍ଡି ଛେଦିବଇଁ ଅଙ୍ଗ ହେବ ପୂତ ॥ କୃତାନ୍ତ ଉବକ ଅଛୁ ଯେପରି ନ ଦେଖେ । ସେହିରୂପେ ଅଣ୍ଡାହେଉ ଅଟେ ପଙ୍କଜାକ୍ଷେ ॥ ଶ୍ରୀହରି

Digitized by srujanika@gmail.com

ବୋଲନ୍ତି ତୁମ୍ଭେ ଭକ୍ତଙ୍କ ପ୍ରଧାନ ।, ତାହା ଏବେ କହିବା ମୁଁ ମନ ଦେଇ ଶୁଣ । କୃଷ୍ଣଦାସ ନାମେ ଥିଲେ ଏକ ଦ୍ୱିଜବର । ବିସ୍ତାରିଣ କହୁ ଅଛି ତାର ସମାଚାର ॥ ବ୍ରହ୍ମସ୍ୱରୂପେ ସେହି ନାନାତୀର୍ଥ କରି ॥ ପ୍ରବେଶ ହୋଇଲେ ଯାଇଁ ଚମ୍ପାବତୀ ପୁରୀ ॥ ସେଠାର ଲୋକେ ଦେଖିଣ ହୋଇଲେ ସନ୍ତୋଷ । ସମାଦର କରନ୍ତେଣ ରହିଲେ ଯେ ଦାସ ॥ ହାଣ୍ଡି ତଣ୍ଡୁଳ ହାଷ୍ଟୁ ସେ ଆଣିକରି ଦେଲେ । ରାନ୍ଧି ଖାଇ କୃଷ୍ଣଦାସ ସୁଖରେ ରହିଲେ । ଏହିପରି କେତେକାଳ ଅତୀତ ହୋଇଲା । କୃଷ୍ଣଦାସଙ୍କର ତହିଁ ସୁଖେ ଦିନ ଗଲା ॥ ଏକଦିନେ କେତେଜଣ ବୋଇଲେ ଏମନ୍ତ । ଦଶ ବରଷର ଛନ୍ତି ଦଶଟି ବାଳୁତ ॥ ସେମାନଙ୍କ କର୍ଣ୍ଣେ ତୁମ୍ଭେ ନାମ ମନ୍ତ୍ର ଦିଅ । ପିଣ୍ଡକୁ ତାଙ୍କର ପୁଣି ପବିତ୍ର କରିଅ ॥ ଶୁଣିକରି କୃଷ୍ଣଦାସ କହିଲେ ଏସନ । ଏଡ଼େ ବଡ଼ କଥା ମୁହିଁ କହିବି କେସନ ॥ ଶିଷ୍ୟର ଅଙ୍ଗରେ ବହୁ ପାପ ରହିଥାଇ ମନ୍ତ୍ର ଦେଲେ ସେ ପାପରେ ଭାଗୀ ଯେ ହୁଅଇ ॥ ମନ୍ତ୍ର-ନେବା ଶିଷ୍ୟ ପୁଣି ମୋକ୍ଷ ହୋଇଯାଏ । କିନ୍ତୁ ସେ ପାପରେ ଗୁରୁ ପାପ ଭାଗୀ ହୁଏ ॥ ଗୁରୁଙ୍କ ବାକ୍ୟକୁ ଶିଷ୍ୟ ହୃଦୟରେ ଧରି । ଭବ ଜଳଧିରୁ ସେହି ସୁଖେ ଯାଏ ତରି ॥ ଗୁରୁଙ୍କଠାରେ ଭକତି ଥାଏ ସଦ ଯାର । ତାହା ପ୍ରତି ପରସନ୍ନ ଥାନ୍ତି ମାୟାଧର ॥ ଯେତେବେଳେ ଶିଷ୍ୟ ଗୁରୁ ପୟରେ ପଡ଼ଇ । ତତକ୍ଷଣେ ଅଙ୍ଗୁ ତାର ପାପ ଛାଡ଼ି ଯାଇ ॥ ଗୁରୁଙ୍କ ଉପରେ ସବୁ ପଡ଼େ ସେ ପାତକ । ସତ୍ୟ ଏହି କଥା ଗୋଟି ନୁହେ ଯେ ଅଳୀକ ॥ ଯଦ୍ୟପି ସେ ଗୁରୁ ପ୍ରଭୁ ଚରଣେ ସେବଇ । ତେବେ ତାହାର ଅଙ୍ଗରୁ ପାତକ ତୁଟଇ ॥ ନୋହିଲେ ନର୍କରେ ସେହି ପଡ଼ଇ ଅବଶ୍ୟ । ମିଛେ ମିଛେ ରାମ ନାମ ପଢ଼ିଣ ସନ୍ତୋଷ ॥ ହୋଇ ହାଣ୍ଡେ ବୁଲୁଥାଏ ମାଳା କରେ ଧରି । ବୋଲେ ମୋଠାରୁ ତପସ୍ୱୀ ନାହିଁ ଛନପୁରୀ । ଦେହାନ୍ତେ ସେ ଗୁରୁ ଜାଣ ପାଏ ନର୍କଗତି । ତେଣୁକରି ମୋର ମନେ ହୁଅଇ ଯେ ଭୀତି ॥ ନାମ ଉପଦେଶ ଦେବି କେଉଁ

Digitized by srujanika@gmail.com

ପରିଦ୍ୱାରେ । ଶୁଣି କରି ବୁଝାଇଲେ ଥିଲେ ଯେ ସେଠାରେ ॥ ଆପଣ ବଶିଷ୍ଠ ସମାନେ ଅଟ ଦ୍ୱିଜମଣି । ତୁମ୍ଭଙ୍କୁ ପାତକ କେବେ ନ ଛୁଇଁବ ପୁଣି ॥ ଏ ପିଲାଙ୍କ କର୍ଣ୍ଣେ ନାମମନ୍ତ୍ର କହିଦଅ । ପବିତ୍ର ହୋଇବ କାୟା ଅହେ ମହାଶୟ ॥ ତାପରେ ବ୍ରହ୍ମଚାରୀ କଲେ ସନମତ । ଶିଶୁଙ୍କ କର୍ଣ୍ଣ ମୂଳରେ ଦେଲେ ତହୁଁ ମନ୍ତ୍ର ॥ ଲଲାଟେ ତିଳକ ରେଖା ତୁଳସୀ କଣ୍ଠରେ । ହରେରାମକୃଷ୍ଣ ମନ୍ତ୍ର କହିଲେ ଗୁପ୍ତରେ ॥ ଏକାଳେ ଗୋପାଳ ଶିଶୁ ଆସୁଥିଲା ପଥେ । ସଙ୍ଗତରେ ଛନ୍ତି ତାର ପୁଣି ଗାଈ ଯୂଥ ॥ ଗୁରୁ ମନ୍ତ୍ର ଦେଉଛନ୍ତି ବୋଲି ସେ ଶୁଣିଲା । ଗାଈ-ମାନଙ୍କୁ ତଡ଼ିଲ ଗୋଡାଇଣ ନେଲା ॥ ଆସି ଗୁରୁଙ୍କ ନିକଟେ ହୋଇଲା ପ୍ରବେଶ । ଗାଈମାନେ ଗଲେ ଯେ ଯାହାର ବାସ ॥ ଗୁରୁଙ୍କୁ ବୋଲେ ଗୋପାଳପୁଅ ମନ୍ତ୍ର ଦିଅ । ଏହି ଗ୍ରାମ ମଧ୍ୟରେ ଯେ ଅଟେ ମୋର ଗୃହ ॥ ଶୁଣିଣ ଗୁରୁ ବୋଇଲେ ତୁ ଅଟୁ ମୂରୁଖ । ମନ୍ତ୍ର ନେବାକୁ କ୍ଷମ ଅଟୁ କି ବାଳକ ॥ ଗୋପାଳ ହୋଇଣ ଏହା ବୋଲୁ କେଉଁପରି । ଯାଅ ତୁହି ଏହିଠାରୁ ଅରେ ଦୁରାଚାରୀ ॥ ଶୁଣି ଗୋପାଳର ପୁଅ ଗଲା ଅତିକ୍ରୋଧେ । ମାତା ପିତାଙ୍କ ଚରଣ ଧରିକରି କାନ୍ଦେ ॥ ଗୋପାଳ ବୋଇଲା ପୁତ୍ର କାନ୍ଦୁଛୁ କିପାଇଁ । କିଏ ତୋର ନିଉଡ଼ିକୁ ନେଲା କି ଛଡ଼ାଇ ॥ କିବା କାହା ସଙ୍ଗତରେ କଳିଗୋଳ ହେଲା । କେଉଁ ପିଲା ଅବା ତୋତେ ବଳରେ ମାଇଲା ॥ ତାହା ବେଗ କହି କହ ନ କର ଗୁପତ । ଶୁଣି ଗୋପଶିଶୁ ବୋଲେ ଶୁଣ ଅହେ ତାତ ॥ ବାଟେ ଆସୁ ଦେଖିଲଇଁ ଏକ ବ୍ରହ୍ମଚାରୀ । ପିଲାଙ୍କ କର୍ଣ୍ଣରେ କେଉଁ ମନ୍ତ୍ର ଦାନ କରି ॥ ମୁଁ ତାହାଙ୍କୁ ବୋଇଲି ଯେ ମନ୍ତ୍ର ନେବାପାଇଁ । ମୂର୍ଖ ଗୋପାଳ କହିଣ ମୋତେ କଲେ ନାହିଁ ॥ ଶୁଣି କରି ପିତା ତାର ସଙ୍ଗତରେ ଗଲା । ଗୁରୁଙ୍କ ଚରଣେ ପଡ଼ି ବିନୟୀ ହୋଇଲା ॥ ପାଶେ ଥିବା ଲୋକମାନେ ବୁଝାଇ କହିଲେ । ତହୁଁ ପାଇଁ ବ୍ରହ୍ମଚାରୀ ସନମତ କଲେ ॥ ତୁଳସୀର ମାଳା ତାର

Digitized by srujanika@gmail.com

କର୍ଣ୍ଣରେ ଲମ୍ବାଇ । ଦକ୍ଷିଣ କର୍ଣ୍ଣରେ ମନ୍ତ୍ର ଗୋଟି ଦେଲେ କହି ॥ ଯେକାଳେ ଗୁରୁ ଫୁଙ୍କିଲେ ମନ୍ତ୍ର ତାର କର୍ଣ୍ଣେ । ହଡ ବଡ ହୋଇ ହସେ ବାଳକ ତତକ୍ଷଣେ । ଗୁରୁ ଦେଖି ବୋଇଲେକ ଆରେ ମୂର୍ଖାଧମ । ଏଣୁ ନାହିଁ କହୁଥିଲୁ ତୋତେ ରେ ଅଜ୍ଞାନ ॥ ଏମନ୍ତ ବହୁତ ରୂପେ ଭର୍ତ୍ସନା କରିଲେ । ଏ ସମୟେ ଶିଷ୍ୟମାନେ ଯେଝା ଗୃହେ ଗଲେ ॥ ଗୋପାଳ କର୍ଣ୍ଣେ ଯେ ଗୁରୁ ମନ୍ତ୍ର କହିଥିଲେ । ପାଶୋରି ପକାଇଲା ସେ ଶିଶୁ ତତକାଳେ ॥ ସମସ୍ତେ ଗୃହକୁ ଗଲେ ବସି ସେ ରହିଲା । ବହୁତ ଡାକିଲେ ମାତା ପିତା ନ ଶୁଣିଲା ॥ ତହୁଁ ତାର ପିଥର ଯେ ଗୁରୁଙ୍କୁ ପୁଛଇ । ମଉନେ ବସିଲା ପୁତ୍ର କହ କାହିଁପାଇଁ ॥ ଗୁରୁ ଯାଇ ପଚାରିଲେ ସେକ୍ଷଣି ତାହାକୁ । କିରେ ବସିଛୁ କିପାଇଁ ନୁଆଇଁ ଶିରକୁ ॥ ତତକ୍ଷଣେ ସେ ବାଳକ ଶିରେ ଯୋଡ଼ି କର । ବୋଇଲା କର୍ଣ୍ଣରେ ମନ୍ତ୍ର କହିଲେ ମୋହର ॥ ଭୁଲିଗଲି ଦଅ କହି ଆଉ ମୋତେ ଥରେ । ଶୁଣିଣ ଗୁରୁ ବୋଇଲେ ଅତ୍ୟନ୍ତ କୋପଭର ॥ ତୋହର କର୍ଣ୍ଣରେ ମୁହିଁ ଯାହା ଥିଲି କହି । ଏବେ ବାଲ ବାଲ ଭଜ କହୁଅଛୁ ତୁହି । ଶୁଣିଣ ଗୋପାଳ ପୁଅ ତହୁଁ ଚଳିଗଲା । ଆପଣା ଘରରେ ବାଲ ବାଲ ସେ ଭଜିଲା । ଗୁରୁଙ୍କୁ ପ୍ରଣମି ଗୃହେ ପ୍ରବେଶିଲା ଯାଇଁ । ଆରଦିନ ପ୍ରାତଃକାଳୁ ଗୋପାଳ ଉଠଇ ॥ କାନନକୁ ଚାଲିଗଲା ଗୋରୁପଲ ଘେନି । ସେ ବନ ମଧ୍ୟରେ ପାଷାଣେକ ଦେଖି ପୁଣି ॥ ତହିଁ ଉପରେ ବସିଲା ଯାଇଁ ଗୋପସୁତ । ବାଲ ବାଲ କହି ପ୍ରେମେ ହୁଏ ଆନନ୍ଦିତ ॥ କେତେ-ବେଳେ ନାଚଯାଏ ଆନନ୍ଦ ମନରେ । ପ୍ରଭଦନ କରୁଥାଏ ଏହି ପରକାରେ ॥ ବାଲମନ୍ତ୍ର ଗୋଟି ତଳେ ମାତ୍ର ଭୁଲେ ନାହିଁ । ଏମନ୍ତ ଆନନ୍ଦମନେ ଜପିଥାଏ ଗାଇ । ତାହାର ଭାବ ଦେଖିଣ ଆପେ ଅର୍ଜୁନ । ବୈକୁଣ୍ଠ ଭୁବନୁ ମୁହିଁ ଆଇଲି ବହନ ॥ ଯେଉଁ ବନେ ବସିଥିଲା ସେ ଗୋପକୁମର । ବାଲମୁକୁନ୍ଦରୂପେ ମିଳିଲି ତା ଆଗର ॥

Digitized by srujanika@gmail.com

ଦେଖି ମୋତେ ଗୋପଶିଶୁ ଅନନ୍ଦିତ ହେଲା । ତୁମ୍ଭ ନାମ କିସ ବୋଲି ମୋତେ ସେ ପୁଚ୍ଛିଲା ॥ ଏଠାକୁ ଆସିଲ ତୁମ୍ଭ ଗୃହ କେଉଁ ସ୍ଥାନେ । କେବଣ ଜାତି ତୁମ୍ଭର କହ ତତକ୍ଷଣେ ॥ କାହିଁପାଇଁ ଏକା ହୋଇ ଏଠାକୁ ଆଇଲ । ତୁମ୍ଭ ସଙ୍ଗେ କେହି ନାହିଁ ଦିଶୁଅଛ ବାଳ ॥ ଅନେକ ଅଳଙ୍କାର ଯେ ପିନ୍ଧିଛ ଶରୀରେ । ସୁଗନ୍ଧ ଚନ୍ଦନ ଲେପ ହୋଇଛ ଅଙ୍ଗରେ ॥ ଅପୂର୍ବ ସୁନ୍ଦର ରୂପ ଦେଖା ନାହିଁ କାହିଁ । ଏ କାନନେ ଆଇଲ ହେ କହ କାହିଁପାଇଁ ॥ ତୁମ୍ଭଙ୍କୁ ଦେଖିଣ ଚିତ୍ତ ହୁଏ ପୁଲକିତ । କିଛି କହ ମୋତେ ତୁମ୍ଭେ ବଚନ ପ୍ରକୃତ ॥ ଏହା ଶୁଣିକରି ମୁହିଁ ହେଲି ହସ ହସ । ବୋଇଲି ଜାତିରେ ମୁହିଁ ଗୋପାଳର ଶିଷ୍ୟ ॥ ନନ୍ଦସୁତନ ମୋହର ଅଟଇ ପିଅରି । କାହ୍ନୁ ବୋଲି ପିତାମାତା ନାମ ଦେଲେ ମୋର ॥ ଦାଣ୍ଡରେ ବୋଲନ୍ତି ଲୋକେ ନନ୍ଦର କୁମର । କେ ବୋଲେ ଅନନ୍ତ କେହି କହେ ଚକ୍ରଧର ॥ କାଳିଆ ଦେଖା ଯିବାରୁ ଶରୀର ମୋହର । କାଳିଆ କୃଷ୍ଣ ବୋଲିଣ କହନ୍ତି କେ ନର ॥ ଏ ବଂଶୀକୁ ନିତ୍ୟ ମୁହିଁ କରେ ଧରିଥାଏ । ତେଣୁ ବେଣୁଧାରୀ ବୋଲି ଡାକନ୍ତି ଥୋକାଏ ॥ ଏରୂପେ ଅନେକମତେ ଡାକନ୍ତି ଯେ ନରେ । ତହିଁକି ଛଳ ମୋହର ନ ଥାଇ ହୃଦରେ ॥ ଖେଳ ଖେଳିବାକୁ ଖୋଜେ ବାଳକଙ୍କ ସଙ୍ଗେ । ତେଣୁକରି ଏକାକେ ମୁଁ ଆଇଲି ଏ ଜାଗେ ॥ ପୁଣି ପୁଚ୍ଛିଲି ତୁମ୍ଭର ନାମ କିସ କହ । ମୋ କଥା ଶୁଣି ବୋଇଲା ଗୋପାଳର ସୁତ ॥ ଗୋପାଳ ଜାତି ମୋହର ନାମ ମୋ ଅନନ୍ତ । ଏ ନାମ ଦେଇ ଅଛନ୍ତି ମୋର ତାତ ମାତ ॥ ଏରୂପେ ବୋଇଲା ସେହୁ ପ୍ରକୃତ ଯେ ଚିତ୍ତେ । ତା ଶୁଣି କହିଲି ମୁହିଁ ତାକୁ ଏ ପ୍ରକାର ॥ ତୁମ୍ଭ ଆମ୍ଭ ଦୁହିଁଙ୍କର ଏକଜାତି ସିନା । ଖେଳ ଖେଳିବା ଏ ବନେ ଆସ ଭାଇ କନା ॥ ଗୋପସୁତ ବୋଲି ତୁମ୍ଭେ କହନ୍ତ ସତ୍ୟ । ମୋର ଦେହକୁଇ ଏବେ ବିସ୍ମୟ କରଇ ॥ ବୋଇଲି ମୁହିଁ ଅଟଇ ଏଥେଁ ପ୍ରଭଞ୍ଜନ ।

Digitized by srujanika@gmail.com

ଅଙ୍କଠାରୁ ମିତ୍ର ତୁମ୍ଭେ ହେଲ ମୋର ତ୍ରାଣ ॥ ଏତେ କହି ସେ ଶିଶୁକୁ କୋଳାଗତ କରି । ସେ ମଧ୍ୟ ଅମ୍ଭ ଦେହକୁ ଅବର୍ଷିଲ୍ଲ ଧରି ॥ ତତପରେ ଖେଳ ନାନାବିଧ ବିରଚିଲେ । ଭକତ ପ୍ରେମ ରଜ୍ଜୁରେ ବନ୍ଧନ ହୋଇଲେ । ଗୋପାଳ ବୋଇଲା ମିତ ଏକ କଥା ଶୁଣ । ମୁଁ ତାଳି ମାରୁଛି ତୁମ୍ଭେ କର ଯେ ନର୍ତ୍ତନ । ହେଉ କହି ନାଚ ମୁହିଁ ଆରମ୍ଭ କରନ୍ତେ । ତାଳମାରି ସେ ନାଚିଲା ମୋହର ସଙ୍ଗତେ ॥ ବାଡ଼ି ଖେଳ ହରିବୋଲ ତତପରେ ହେଲା । ଏ ସମୟେ ନିଶି ଆସି ପ୍ରବେଶ ହୋଇଲା । ତହୁଁ ଗୋପସୁତ ବୋଲେ ଶୁଣ ହେ ମଇତ୍ରେ । ସୂର୍ଯ୍ୟ ଅସ୍ତ ହେଲେ ଆଉ ନ ରହିବା ଏଥେ ॥ ଗାଈମାନେ ମୋର କେଉଁଆଡ଼େ ପୁଣି ଗଲେ । ତାହାଙ୍କୁ ଖୋଜି ଆଣିବା ଚାଲ ଏବେ ଭଲେ ॥ ତତପରେ ଅମ୍ଭ ଗୃହ ନିକଟକୁ ଯିବା । ନୋହିଲେ ପିତାଙ୍କଠାରୁ କଷ୍ଟ ନା ପାଇବା ॥ ଏହା ଶୁଣି ମୁହିଁ ତାର ସଙ୍ଗତରେ ଗଲି । ବନ ମଧ୍ୟରୁ ସକଳ ଗାଈଙ୍କି ଆଣିଲି । ମୁଁ ବୋଇଲି ଆହେ ମିତ ଯାଅ ଏବେ ଘର । ମୋହର ଗୃହେ ଯାଉଛି ଆହେ ମିତ୍ରବର ॥ ଗୋପାଳ ବୋଇଲା ତୁମ୍ଭେ ଆସିବ ତ କାହିଁ । ସତ୍ୟ କରି କହିଯାଅ ସନ୍ଦେହ ପିଟାଇ । ତୁମ୍ଭଙ୍କୁ ଛାଡ଼ିବା ପାଇଁ ନ ବଳଇ ମନ । ନିଶ୍ଚୟେ ଆସିବ କହୁଅଛି ମୋର ପ୍ରାଣ । ତାକୁ ବୋଇଲି ଏଥିରେ ସନ୍ଦେହ ନ କର । ତୁମ୍ଭ ବିନା ରହି ନ ପାରଇ ମିତ୍ରବର । ତୁମ୍ଭେ ପ୍ରାଣସଖା ମୋର ଅଛ କାଳେ କାଳେ । ଡାକିଲାମାତ୍ରେ ଆସିବି ମୁହିଁ ତତକାଳେ ॥ କିନ୍ତୁ ଏକ କଥା ମୁହିଁ କହୁଅଛି ଭାଇ । ମୋ ଆସିବା କଥା ଯେମନ୍ତେ ନ ଜାଣିବେ କେହି ॥ ସେ ବୋଇଲା ତାହା ମୁହିଁ କେବେ ନ କହିବି । କହିଲେ ସେଥିରେ ଅବା କି ଫଳ ପାଇବି ॥ ଏଥିକୁ ମନରେ ତୁମ୍ଭେ ଅନ୍ୟଥା ନ ଭାଳ । ଏତେ କହି ତତକ୍ଷଣେ ବୋଲେ ବାଳ ବାଳ । ଶୁଣିକରି ମୋତେ ବଡ଼ ହସ ଯେ ମାଡ଼ିଲା । ତାହା ଦେଖି ଗୋପସୁତ ସମ୍ଭ୍ରମେ ବୋଇଲା ॥ କାହିଁପାଇଁ ହସିଲ ହେ ମିତ୍ର ମୋତେ କହ ।

Digitized by srujanika@gmail.com

ଗୁରୁ ଉପଦେଶ ଏହା ଜାଣିବ ନିଷ୍ଟୟ । ମୁଁ ବୋଇଲି ଏହି କଥା ଶୁଣିଲେ ସ୍ତୁମ୍ଭର । ନର ନାଶ ଉପବାସ କରବେ ନିଜର ॥ ଗୋପାଳ ବୋଇଲା ଏହା ଛାଡ଼ି ମୁଁ ନ ପାରେ । ଗୁରୁ ଉପଦେଶ କଥା କେହ୍ନେ ଛାଡ଼ିପାରେ ॥ ଏହିପର ଶୁଣି ମୁହିଁ ଅନନ୍ଦତ ହେଲି । ଯାଅ ଯାଅ ମିତ କହି କାନନେ ପଶିଲି ॥ ଗୋରୁ ଘେନିଣ ଗୋପାଳ ଗୃହକୁ ଚଳିଲା । ଭୋଜନ ଶୟନ କ୍ରିୟା ଆଦ ଯେ କରିଲା ॥ ପରଦିନ ସେହିପରି ଆସିଲା କାନନେ । ଶିଳାପଟରେ ବସି ଡାକଦେଲା ମୋତେ ଏଣେ ॥ ସେ ଡାକ ଶୁଣିଣ ବଣ୍ଟେ ଧାଇଁଣ ଆସିଲି । ଅନନ୍ଦେ ତାହାକୁ ମୁହିଁ କୁଣ୍ଢ଼ାଇ ଧଇଲି ॥ ସେଦିନର ଖେଳ ଆମ୍ଭେ ରଚନା କଇଲୁ । ପୂର୍ବପର ଯେଝା ଗୃହେ ହରଷେ ଚଳିଲୁ ॥ ଏହିରୂପେ ଷଡ଼ମାସ ହୋଇଲା ଅଗତ । ଏକଦନେ ଗୁରୁ ଆସି ହେଲେ ଉପଗତ ॥ ଶିଷ୍ୟଗଣେ ଯାଇ ତାଙ୍କୁ କଲେ ଦରଶନ । ହାଣ୍ଡି ତଣ୍ଡୁଳ ଇନ୍ଧନ ଦେଲେ ଆଣି ପୁଣ ॥ ରନ୍ଧନ ଭୋଜନ ସାରି ଗୁରୁ ବସିଛନ୍ତି । ଏ ସମୟେ ଗୋପସୁତ ମିଳିଲା ଝଟିତି ॥ ଗୁରୁ ଆସିବାର କଥା ଶୁଣିଲା କର୍ଣ୍ଣରେ । ତତକ୍ଷଣେ ଉପସ୍ଥିତ ଗୁରୁଙ୍କ ପାଶରେ ॥ ସାଷ୍ଟାଙ୍ଗରେ ଗୁରୁଙ୍କର ଚରଣରେ ପଡ଼ି । ଉଠି ଉଭା ହେଲା ଦୂରେ ଶିରେ କର ଯୋଡ଼ି ॥ ସୁବାସ ମହକ ଉଠେ ଅଙ୍ଗରୁ ତାହାର । ଏହା ଦେଖିଣ ଗୁରୁ ହେଲେ ଚମତ୍କାର ॥ ଗୋପାଳ ପୁଅକୁ ଦେଖି ଆଶ୍ଚର୍ଯ୍ୟ ହୋଇଲେ । କୋମଳ ବାକ୍ୟରେ ପୁଣି ତାକୁ ପଚାରିଲେ ॥ ଏ ସୁବାସ ଦ୍ରବ୍ୟ କାହୁଁ ପାଇଲୁ ତୁ କାହିଁ । ତୋହର ଦେହ ସୁବାସେ ମହକି ଉଠଇ ॥ ଏହାର ତଥ୍ୟ ବଚନ ବେଗକର କହ । ଅଟନ୍ତି ତୋର ଗୁରୁ ଅତି ଅଟଇ ଗୋପପୁଅ ॥ ଗୁରୁ ଆଗେ ଶିଷ୍ୟ ଯେବେ ମିଥ୍ୟା କଥା କହେ । ନରକେ ପଡ଼ଇ ସେହି ସାତଜନ୍ମ ଯାଏ ॥ ଗୁରୁପାଶେ ଶିଷ୍ୟ ଯେବେ କପଟ କରଇ । ତାକୁ ଧର୍ମପଥ ପୁଣି ଅଦୃଶ୍ୟ ହୁଅଇ ॥ ଗୁରୁଙ୍କ ପଦ୍ମରେ ଯେହ୍ନେ ଅଭକତ ହୁଏ । ଅନେକ ଦଣ୍ଡ ତାହାକୁ ଜଗନ୍ନାଥ

Digitized by srujanika@gmail.com

ହଏ । କପଟ ଶାବେଳ୍ପ ଅଣି ପିଣ୍ଡନ୍ତି ଘରେ । ପୁନଶ୍ଚ ପକ୍ବାନ୍ନ ନେଇ ଚୌରବ ଭକ୍ଷଣରେ । ଏ କଥା ବସ୍ତିର ବାକୁ ସତ୍ୟ କଥା କହ । ଶରୀର ବାପି ଉଠଇ ହୋଇ ମନ୍ଦମନ୍ଦ । ଏପରୁ ଶୁଣି ବାଳକ ବିଚାରଇ ମନେ । କପଟ କହିବ ମୁହିଁ ପ୍ରକୃତ ବଚନେ । ଏହି ମନ୍ତ୍ରଦାତା ପୁଣି ଅନ୍ତର୍ଯ୍ୟାମୀ ମୋହର । ଏହାଙ୍କ ଅଗ୍ରେ ମିଥ୍ୟା ମୁକହି କି ପ୍ରକାର ॥ ନ ଅସନ୍ତୁ ମିତ୍ର ପଛେ ସତ୍ୟ କହିବଇଁ । ଯେବେ ନ କହିବ ତେବେ ନର୍କେ ପଡିବଇଁ ॥ କହିଲେ ମିତ୍ରଠାରେ ମୁଁ ଅପରାଧୀ ହେବ । ଅଉ ମିତ୍ରଙ୍କ ବଦନ କେବେ ନ ଦେଖିବ । ସେ ଦୋଷ ଦେଖିଣ ଧାତା ଏହା ଘଟାଇଲ । ଏହା ଭାଳ ସେ ବାଳକ ଦୁଃଖିତ ହୋଇଲ ॥ ଲୋଭକେ ମୁଁ ହୋଇଲି କରୁନ ତାହାର । ପୁନରପି ଦମ୍ପାଧନ ବସ୍ତୁରେ ତଉର । କହିଲେ ବିନା ମିତ୍ରଙ୍କଠାରେ ଦୋଷୀ ହେବ । ଯେବେ ନ ଅହିବେ ମୁହିଁ ତାଙ୍କପାଶେ ଯିବ ॥ ଅନେକ ମତେ ବିନୟୀ ହୋଇବ ତାହାଙ୍କୁ । ଦୋଷ ଛଡାଇଣ ପାଶେ ଭେଟିବ ମିତ୍ରଙ୍କୁ । କହିବଇଁ ଷମାକର ମୋର ଦୋଷମାନ । ଏହା ଶୁଣି ଚନ୍ଦ୍ରସ୍ବାମୀ ଯେ ହେବେ ମିତ୍ର ପୁଣ । ଏତେ ଭାଳି ବୋଇଲା ସେ ଶୁଣ ଗୁରୁଦେବ । କାନନକୁ ଯାଏ ମୁହିଁ ନିତି ଧେନୁ ଗାବ । ଅତ୍ୟନ୍ତ ସୁନ୍ଦର ପୁଣି କାମଦେବ ମୂର୍ତ୍ତି । ନାନା ଅଳଙ୍କାର ସେହୁ ଅଙ୍ଗେ ଘେନି ଥାନ୍ତି ॥ କର୍ଣ୍ଣତଟରେ କୁଣ୍ଡଳ ବାହେ ଶିର ନେତ । ଅଧରେ ମୁରଲୀ ଧ୍ବନି ଶିରେ ମୁକୁଟ । ପଦ୍ମରେ ନୂପୁର ଦୁରୁ ଶୁଭେ ରୁଣଝୁଣ । ହୃଦରେ ଲମ୍ବିତ ନାନା ପୁଷ୍ପମାଳାମାନ । ଚତୁଃସମ ଅଙ୍ଗରେ ସେ ହୋଇଛନ୍ତି ବୋଳି । କଟିତଟେ ପୀତାମ୍ବର ରତନ ମେଖଳୀ । ଶ୍ରୀମୁଖ ମଣ୍ଡଳ କିବା ପୂର୍ଣ୍ଣିଶଶଧର । ଅଞ୍ଜନ ପ୍ରାୟେ କାଳିଆ ବରନ ଶରୀର । କୋକିଳ ପ୍ରାୟେ ବଚନ ଭାଷନ୍ତି ଅଟନ୍ତି । ସେ ଲୋକର ସଙ୍ଗେ ମୁହିଁ ଖେଳଇ ଯେ ନିତ୍ୟ । ତାଙ୍କର ଶରୀର ଗୋଷ୍ଠ ମହକି ଉଠଇ । ତାଙ୍କ ଦେହେ ଲାଗିବାରୁ ମୋ ଦେହ ଗୋସାଇଁ ।

Digitized by srujanika@gmail.com

ତେଣୁ ମୋ ଶରୀର ବାସେ ହୋଇ ମନ୍ଦମନ୍ଦ । ଏଥିରେ ସନ୍ଦେହ ନାହିଁ ଅହେ ମହାଶୟ ॥ ପ୍ରଣମ କରଇ ତବ ପାଦପଦ୍ମ ଛୁଇଁ । ସତ୍ୟ ସତ୍ୟ ଅଟଇ ଏହା ମିଥ୍ୟା ଏଥେଁ ନାହିଁ ॥ ଶୁଣିଣ ସେ ବ୍ରହ୍ମଗୃହୀ ହେଲେ ଆନନ୍ଦିତ । କୋଳାଗ୍ରତ କରି ନେଲେ ଗୋପାଳର ସୁତ ॥ ଅଙ୍କରେ ବସାଇ ମୁଖେ ଚୁମ୍ବନ ସେ ଦେଲେ । ଦିଠେଛ ଆଜି ପି ତାଙ୍କୁ ବିଶ୍ୱାସ କଲେ ॥ ହୃଦୟର କମଳ ପ୍ରସନ୍ନ ହୋଇଲେ ଅତ୍ୟନ୍ତ । ନୋହିଲେ ଏରୂପ ବର୍ଣ୍ଣି କାହାର ହେବତ ॥ ବୋଇଲେ ରେ ବତ୍ସ ତୁହି ଅଟୁ ଧନ୍ୟ ଯୋଗ୍ୟ । ଜାଣିଲି ତୋହର ପୁଣି ଅଟେ ବଡ଼ଭାଗ୍ୟ ॥ ଯେଣୁ ତୁହି ଶ୍ରୀହରିଙ୍କୁ କରିଲୁ ଦର୍ଶନ । ତୋହଠାରୁ ବଳି କେହୁ ଅଛି ପୁଣ୍ୟବାନ ॥ ଯେତେବେଳେ ମୁହିଁ ଏହି ସ୍ଥାନରୁ ଯେ ଗଲି । ଛଅମାସ ଯାଏ ବହୁତୀର୍ଥ ମୁଁ ଭ୍ରମିଲି ॥ ମୁଁ ଗଲା ଦିନରୁ ତୁହି କରିଲୁ କେମନ୍ତ । ମିଥ୍ୟା ନ କହୁ ମୋହର ଆଗେ କହ ସତ ॥ ତହୁଁ ଗୋପଶିଶୁ ବୋଲେ କିଛି କରି ନାହିଁ । କେବଳ ତୁମ୍ଭର ଦେବା ମନ୍ତ୍ରକୁ ଘୋଷଇ ॥ ଗୁରୁ ବୋଇଲେ କି ମନ୍ତ୍ର ମୁହିଁ କହିଥିଲି । ଶିଷ୍ୟ ବୋଲେ ବାଳ ବାଳ ଘୋଷୁଥିଅ ବୋଲି ॥ ଏହା ବିନା ଅନ୍ୟ ମୁହିଁ କିଛି ଜାଣେ ନାହିଁ । ତୁମ୍ଭର ଆଗରେ ସତ୍ୟ କହିଲି ଗୋସାଇଁ ॥ ଗୁରୁ ବୋଇଲେ ତେବେ ବାବୁ ପଚାରେ ମୁଁ ତୋତେ । କିଛି ଦକ୍ଷିଣା ଦେଇ ତୁ ପାରିବୁ କି ମୋତେ ॥ ଶିଷ୍ୟ ବୋଲେ କି ଦକ୍ଷିଣା କହ ହେ ଗୋସାଇଁ । ଦେଇ ପାରିବାର ହେଲେ ଅବଶ୍ୟ ଦେବଇଁ ॥ ବ୍ରହ୍ମଗୃହୀ ବୋଇଲେ ଯେ ଖେଳୁ ତୁ ଯା ସଙ୍ଗେ । ତାଙ୍କୁ ଦେଖାଇ ପାରିବୁ କି ରେ ବାବୁ ବେଗେ ॥ ଶୁଣି କହଇ ଗୋପଶିଶୁ ବୋଲଇ ଗୁରୁଙ୍କୁ । ଅଯତ୍ନ ସେ ପ୍ରଭୁ ଦିନ ଖେଳ ଖେଳିବାକୁ ॥ ଯେତେବେଳେ ମୋର ସଙ୍ଗେ ଖେଳ ଖେଳୁଥିବେ । ସେ କାଳେ ତୁମ୍ଭେ ଯାଇଣ ଦେଖିବଟି ହେବେ ॥ ଦେଖିବ କେଡ଼େ ସୁନ୍ଦର ସେ ମୋହନମୂର୍ତ୍ତି । ଏ କଥାକୁ ଭାବନା ସେ ନ କର ହେ ଯତି ॥ ମୋ ସଙ୍ଗତେ ଯିବ କାଲି ଅରଣ୍ୟ ମଧ୍ୟକୁ । ସେ ରୂପ ଦେଖାଇ ଦେବି

Digitized by srujanika@gmail.com

କହୁଛି ତୁମ୍ଭଙ୍କୁ । ଏପରି ବୋଲି ଗୋପାଳ ଗଲେ ଯେ ଭବନେ । ବ୍ରହ୍ମଚର୍ଯ୍ୟ ମନେ ବସି ଭାବିଲେ ଏସନେ । ଗୋପାଳ ସଙ୍ଗେ ମୁହିଁ ତ ନୋହିଲି ଯେ ସରି । ଏତେ ପାଠ ପଢ଼ିବାର ବୃଥା ଯେ ମୋହର । ଜପ ମନ୍ତ୍ର ବେଦ ବିଦ୍ୟା ପଢ଼ିଲେ କି ହେବ । ଯାର ମାୟା ଦେବଗଣେ ଅଟଇ ଦୁର୍ଲଭ । ସେ ପୁଣି ଗୋପାଳଙ୍କୁ ପ୍ରସନ୍ନ ହୋଇଲେ । ଏତେ ଭାବି ମନମଧ୍ୟେ ସ୍ତୁତି ପାଠକଲେ । ଜୟ ଜୟ ଜଗନ୍ନାଥ ପତିତ-ପାବନ । ଜୟ ଜୟ ଜଗନ୍ନାଥ ଦୁରିତନାଶନ । ଜୟ ଜୟ ଜଗନ୍ନାଥ ଭକ୍ତଉଦ୍ଧାରଣ । ପ୍ରସନ୍ନ ହୋଇଣ ବାରେ ଦିଅନ୍ତୁ ଦର୍ଶନ । ଏହିପରି ମନେ ମନେ ବହୁସ୍ତୁତି କରି । ଅନାହାରେ ଶୋଇଲେ ସେ କୁଶଶଯ୍ୟା ପାରି । ରଜନୀ ଅନ୍ତେ ଦିବସ ଆସି ପ୍ରବେଶିଲା । ଗୋପାଳ ବାଳକ ଆସି ଦୁଆରେ ଡାକିଲା । ଆସ ଆସ ଗୁରୁଦେବ ଯିବା ପରି ବନ । ଉତ୍ତର ହେଉଛି ମାଡ଼ିଆସେ ଖରା ପୁଣ । 'ଗୋରୂପଲ ହେମାରିବ ଦିଅନ୍ତୁ ଗୋଠରେ । ଏହା ଶୁଣି ଗୁରୁଦେବ ଚଳିଲେ ସଙ୍ଗରେ । ଗୋପାଳଶିଷ୍ୟ ଯେ ଏତେଣ ଗାଈ ଫିଟାଇଲା । ସଙ୍କେତ ସ୍ଥାନରେ ଯାଇଁ ବେଗେ ସେ ମିଳିଲା । ଗୁରୁଙ୍କୁ କହିଲା ତୁମ୍ଭେ ଲୁଚିକରି ବସ । ଏହିକ୍ଷଣି ମଇତ୍ର ଯେ ହୋଇବେ ପ୍ରବେଶ । ଶୁଣିକରି ଗୁରୁ ବୃକ୍ଷ ଉହାଡ଼େ ରହିଲେ । ମନ ମଧ୍ୟେ ଶ୍ରୀହରିଙ୍କୁ ଭାବନା କରିଲେ । ପାଷାଣ ଉପରେ ବସି ଗୋପାଳକୁମର । ଉଚ୍ଚସ୍ୱରେ ଡାକଦେଲା ଆସ ମିତ୍ରବର । ତାହା ଶୁଣିକରି ମୁହିଁ ସତ୍ୱର ଚଳିଲି । ଗୁରୁ ଶିଷ୍ୟଙ୍କର ପାଶେ ପ୍ରବେଶ ହୋଇଲି । ସେଠାରେ ବିଜୟ କଲି ଭକ୍ତଭାବ ଜାଣି । ମିତେ ବୋଇଲି କପଟକଲ ମୋରେ ପୁଣି । ଗୁରୁଙ୍କ ଆଗରେ ତୁମ୍ଭେ କହିଲ କପାଇଁ । ମନା କରିଥିଲି ପରା ମିତ ତୁମ୍ଭଙ୍କୁ ହିଁ । ତୁମ୍ଭଠାରେ ମୋର ଛଳେ ଅନ୍ତର ନ ଥିଲା । ଅଜଠାରୁ ଆସିବାର ମୋର ବନ୍ଦହେଲା । ଜୀବନ୍ତେ ଐଶ୍ୱର୍ଯ୍ୟ ଲଭି ମଲେ ମୋକ୍ଷଗତି । ଏହିରୂପେ ଆଜ୍ଞାଦେଲି ହୋଇ ତୋଷମତି । ବିଜୁଳୀ ପରାୟେ ହୋଇ ଦେଖୁଁ ଦେଖୁଁ ଗଲି । କହୁଛି

Digitized by srujanika@gmail.com

ଗୁରୁଙ୍କ ଦୃଷ୍ଟି ପଥରେ ପଡ଼ିଲା ॥ ତାହାଙ୍କ ଅଙ୍ଗରୁ ପାପମାନ ଗଲା ଛାଡ଼ି । ଶିଷ୍ୟ ବୋଲେ ଦେଖିଲ ତ ଶଙ୍ଖଚକ୍ରଧାରୀ । ଗୁରୁ ବୋଇଲେ ମୋହର ସାର୍ଥକ ଜୀବନ । ପାପ ନୟନେ ଦେଖିଲି କମଳଲୋଚନ । ନ ଜାଣି ପୂର୍ବରେ କେଉଁ କର୍ମ କରିଥିଲି । ତେଣୁ ମୁଁ ପ୍ରଭୁଙ୍କ ଅଙ୍ଗ ଦର୍ଶନ ପାଇଲି । ଅରେ ବାବୁ ଶୁଭ ଯୋଗେ କରିଥିଲି ଶିଷ୍ୟ । ତୋ ହେତୁ ଦେଖିଲି ନେତ୍ରେ ପ୍ରଭୁ ଜଗଦୀଶ । ଗୋପାଳ ବୋଇଲା ସ୍ୱାମି ତବ କାର୍ଯ୍ୟ ହେଲା । ଚିରକାଳ ସଙ୍ଗ ସୁଖ ମୋର ଛାଡ଼ିଗଲା । ଅହା ସେ ଲାବଣ୍ୟ ରୂପ ସତେ କି ଦେଖିବି । ଜୀବଥିବା ଯାଏ ଭାବି ଭାବି ମୁଁ ମରିବି । ସତେ କି ଦେଖିବି ଆଉ ମିତ୍ରଙ୍କର ମୁଖ । ତୁମ୍ଭ ହେତୁ ଭଗ୍ନ ହେଲା ଏତେ ବଡ଼ ସୁଖ । ମିତ ମିତ ଡାକୁଥିଲେ ଆଉ କେ ଡାକିବ । ସେ ମଧୁର ଧ୍ୱନି ଆଉ କେହୁ ଶୁଣାଇବ । ସତେ କି ଦେଖିବି ଆଉ ସେ ପଦ୍ମଲୋଚନ । କାହା ସଙ୍ଗେ ଖେଳ ମୁହିଁ ଖେଳିବି କାନନ । ଡାକିଲାକ୍ଷଣି ମୋହର ପାଶକୁ ଆସନ୍ତି । ଲୁଣ୍ଠାଲୁଣ୍ଠି ହୋଇ ପୁଣି କଥାବାର୍ତ୍ତା ହୁଅନ୍ତି । ଏହାପରେ ଷଡ଼ମାସ ହୋଇଲା ଅତୀତ । ଏତେକାଳେ ଆଶା ତାହା ହୋଇଗଲା ବ୍ୟର୍ଥ । କିଏସେ ବୋଲି ତାହାଙ୍କୁ ନ ପାରିଲି ଚିହ୍ନି । ତୁମ୍ଭ କହିବାରୁ ସିନା ଏ କଥା ମୁଁ ଜାଣି ॥ ଅହା ପ୍ରଭୁ ଜଗତକର୍ତ୍ତା ଭକ୍ତଡସୋଦର । ଅହା ପ୍ରଭୁ ପ୍ରାଣ ମିତ ଅହା ଚକ୍ରଧର ॥ କେଉଁ ଅଡ଼େ ଚାଲିଗଲ ମୋତେ ଦେଖାଇଅ । ଏହିରୂପେ କାନ୍ଦୁ କାନ୍ଦୁ ବହିପଡ଼େ ଲୁହ । ଗୁରୁଦେବ ପ୍ରବୋଧନା କରିଲେ ଅନେକ । ତପାଇଁ କାନ୍ଦୁଛୁ ବସ୍ତ୍ର ଅଞ୍ଚଳୀ ପ୍ରାୟେକ । ଆଉ ଖୋଜିଲେ ତାହାଙ୍କୁ ନ ପାଇବୁ କେବେ । ଛଡ଼ ଛଡ଼ ହୃଦୟରୁ ସନ୍ତାପକୁ ଏବେ । ଏହା କହି ଗୁରୁ ଶିଷ୍ୟ ଗଲେ ସେଥୁ ଗୃହେ । ହରେକୃଷ୍ଣ ଦାସ ଏହା ଗୀତରେ ଯେ କହେ ॥

ଇତି ଶ୍ରୀନାମବ୍ରହ୍ମଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବସ୍ତୁ-
ଦାସଠାରୁ ମନ୍ତ୍ର ଘେନ ଗୋପାଳଙ୍କ ଶୁଭ କୃଷ୍ଣଦର୍ଶନ
ବିଷୟ କଥନେ ନାମ ସପ୍ତଦଶତମୋଽଧ୍ୟାୟଃ ।

Digitized by srujanika@gmail.com

ଅଷ୍ଟସପ୍ତତିତମ ଅଧ୍ୟାୟ ।

ପୁନରପି ପଚାରଇ ବୀର ଅରଜୁନ । ହେ ଦୟାସାଗର ଦ୍ୱଣ ଆରତନାଶନ ॥ ଅବର କଥାଏ ମୋତେ କହିବା ବିସ୍ତାର । ଜନମ ହୋଇଲେ ମର୍ତ୍ତ୍ୟେ ଗୋରୁଏ କପର ॥ ଏ ବିଷୟେ ଜନ୍ମିଅଛି ମୋହର ସନ୍ଦେହ । ସେ କଥା କହି ହୃଦର ଛେଦ ସେ ସଂଶୟ ॥ ଶ୍ରୀହରି ବୋଇଲେ ତାହା ଏକମନେ ଶୁଣ । ଗୋରୁଜନ୍ମ କଥା ଗୋଟି ଅତ୍ୟନ୍ତ ଗୋପନ ॥ ଯେବଣ କାଳରେ ପାର୍ଥ ପ୍ରଳୟ ହୋଇଲା । ପ୍ରଳୟାନ୍ତେ ସୃଷ୍ଟି ପୁଣି ଲୟ ପ୍ରାପ୍ତହେଲା ॥ ପଶୁ ପକ୍ଷୀ ନର ଅବି ଅମର ଦଇତ । ପ୍ରଳୟ ସଲିଳେ ନାଶଗଲେ ଯେ ସମସ୍ତ ॥ ଅମ୍ଭେ ବ୍ରହ୍ମା ଆଦି କରି ସର୍ବେ ହେଲୁ ନାଶ । ପ୍ରଳୟ ସଲିଳେ ପୂର୍ଣ୍ଣ ହେଲା ଦଶଦଶ ॥ ଏମନ୍ତ ସୃଷ୍ଟି ବିନାଶ କଥା ଜାଣି ହରି । ପୁଣି ସୃଷ୍ଟି ସୃଜିବାକୁ ମନରେ ବିଚାରି ॥ ପ୍ରଥମରେ ସୃଷ୍ଟି ଏକ କରିଲେ ଯେ ଜାତ । ସେହି ରମଣୀ ଗୋଟି ଯେ ଅଟେ ଆଦିମାତ ॥ ସେ ଆଦିମାତାଙ୍କ ଶୋଭା କେ କରେ ବର୍ଣ୍ଣନ । ତାଙ୍କ ଶୋଭାକଥା ମୁହିଁ କହି ନ ଭାଜନ ॥ ସେ ସୁନ୍ଦରୀର ରୂପକୁ ଦେଖି ନିର୍ବିକାର । କାମଶରେ ତାଙ୍କ ଦେହ ହେଲା ଜରଜର ॥ ବ୍ରହ୍ମ ବୀର୍ଯ୍ୟ ଶ୍ରୀଅଙ୍ଗରୁ ପଡ଼ିଲାକ ଖସି । ଦେଖିକରି ଆଦିମାତା ହେଲେ ମହାଖୁସି ॥ ଅକଳିତ ଜଳେ ପଡ଼ି ସେହି ବ୍ରହ୍ମବୀର୍ଯ୍ୟ । ପୁନର୍ମିଳ ରହି ପ୍ରାୟ ଦେଖାଯାଏ ତେଜ ॥ ପ୍ରତ୍ୟକ୍ଷରେ ସେହି ବୀର୍ଯ୍ୟ ଅଚ୍ୟୁତ ଅଂଶର । ଆଦିମାତା ପାନକଲା ତା ନେଇ ସତ୍ୱର ॥ ଅମ୍ଭେ ତିନିଜଣ ତାଙ୍କଠାରୁ ଜାତ ହେଲୁ । ଦିବ୍ୟ ସ୍ୱରୂପ ଧରଣ ଅଗ୍ରେ ଉଭା ହେଲୁ ॥ ଆଦିମାତା ମୁହିଁ ଅମ୍ଭଙ୍କୁ ଯେ ଆଜ୍ଞାଦେଲେ । ନୂତନ ପୃଥିବୀ ସରଜନା କରି ଭଲେ ॥ ତାଙ୍କ ଆଜ୍ଞାଶିରୋଧାର୍ଯ୍ୟ କରିଗଲୁ ଅମ୍ଭେ । ଉପାୟେ ସୃଷ୍ଟି ସର୍ଜନା କଲୁ ଯେ ତବେ ॥ ଚଉଦ ବ୍ରହ୍ମାଣ୍ଡ ସରଜିଲୁ କଉଶଳେ । ନାନାବିଧ ଜୀବ ଜନ୍ତୁ ନାନା ବୃକ୍ଷମୂଳେ ॥ ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି । ସୃଷ୍ଟି ଏରୂପେ ଭିଆଣ କରି ଯତ୍ନେ ଧରି ॥ ଅମ୍ଭେ ଯାଇଁ ବସିଅଛୁ

Digitized by srujanika@gmail.com

ଉତ୍ତର ପର୍ଣ୍ଣରେ । ଅଦ୍ୟମାତା ପ୍ରବେଶିଲେ ଅମୃତ ପାଷଟର । ତାଙ୍କୁ ଦେଖି ବ୍ରହ୍ମା ଅମ୍ଭେ ଉଠିଣ ଯେ ଗଲୁ । ମାତାଙ୍କ ଚରଣତଳେ ନମସ୍କାର କଲୁ ॥ ବସିଥିଲେ ଈଶ୍ୱର ଯେ ଉଠିଲେ ତଡ଼ତ । ଦେଖିଲେ ମାହେଶ୍ୱରୀଙ୍କ ଅପୂର୍ବ ମୂରତ । ରୂପ ଦେଖି ତାଙ୍କ ଚିତ୍ତ ହେଲା-ବିମୋହିତ । ପଞ୍ଚପ୍ରାଣ କାମଶରେ କଲ୍ଲ ଦଗ୍ଧୀଭୂତ ॥ ରତି ରସରେ ତାଙ୍କର ବଳଲା ମନୀଷା । ସର୍ବାଙ୍ଗରେ ବାରଂବାର କାମ ଧଏ ଭୂଷା ॥ ମାୟାମୋହେ ମୁଗ୍ଧ ହେଲା ତାହାଙ୍କର ଚିତ୍ତ । ମାତା ମନହାସେ ହେବ ହେଲେ ଜ୍ଞାନହତ ॥ ଲାଜ ଭୟ ସଙ୍କୋଗ୍ଧ ଦୂର କରଦେଇ । ସେ ଅନାଦ୍ୟ ଭବାନୀଙ୍କୁ ଧଇଲେ କୁଣ୍ଢାଇ ॥ ମାତଲେକ ବେଦଜନ ପୁରନ୍ଧ୍ର ରସରେ । ଦେଖି ଅମ୍ଭେ ନ ରହିଲୁ ତାହାଙ୍କ ପାଶରେ ॥ ନିଜ ମାତାଙ୍କ ଅନୀତ ଦେଖି ଚତୁର୍ମୁଖ । ଅଚମ୍ଭିତ ହୋଇ ମନେ କଲେ ଅତି ଦୁଃଖ ॥ କ୍ରୋଧ ଚିତ୍ତେ ବୋଇଲେକ ଶୁଣ ଗୋ ଜନନ । ଜ୍ଞାନ-ଗୋଚର କ ତୋର ସବୁ ହେଲା ହାନ ॥ ମାତା ହୋଇ କେଉଁପର କଲୁ ଏତେ କର୍ମ । ଧିକ ଧିକ ନ ଗୃହିଁ ଯେ ତୋହର ଅନନ ॥ ପୂର୍ଣ୍ଣ୍ୟନାସ୍ତି ହୋଇ ଭୂଦ୍ଧ କଲୁ ନୀଚକାର୍ଯ୍ୟ । କେଉଁ ଅଡେ ବସିଲୁ ତୁ ପୋଡ଼ି ସବୁ ଲାଜ ॥ ସଂସାର ସୃଜନା ଅଦ ଉତପତ୍ତି କାଳେ । କେତେହେଁକ ଅକର୍ମ ଭୂଦ୍ଧ କରିଲୁ ଶଯ୍ୟାରେ ॥ ହରତ ବାଳକ ଯେଣୁ ମତି ତା ବିନଷ୍ଟ । ତୁ କରୂପେ ଜାଣୁ ଜାଣୁ ହେଲୁ ଜ୍ଞାନଭ୍ରଷ୍ଟ । କସ ବୋଲିବେ ଜଗତ ଜନମାନେ ଶୁଣି । ତୁମ୍ଭ ମାତା ହୋଇ ନାଶ-କଲୁ ଧର୍ମ ପୁଣି ॥ ଅନାଦ୍ୟ ନାସ୍ତି ହୋଇ ତୁ କଲୁ ଏତେ କର୍ମ । ଅବର ନାସ୍ତି କିପାଇଁ ପାଳିବେ ଯେ ଧର୍ମ ॥ ସ୍ତ୍ରୀଙ୍କ ଧର୍ମରେ ହିନା ଭାର ବନ୍ଧେ ମହା । ପୁରୁଷଙ୍କ ଧର୍ମେ ପିନା ମେଦନୀ ପାଳଇ ॥ ତୁହି ଯେବେ ପ୍ରଥମରୁ ଅନାଚାରୀ ହେଲୁ । କେତେ ମହା ଭାର ବହିବନ୍ତି ଯେ କହିଲୁ ॥ ନିଶ୍ଚେ ସଂସାର ତୋହର ଯୋଗୁଁ ନଷ୍ଟ ହେଲା । ସର୍ବେ ଦୁଃଖ ପାଇବେଟି ଜାଣିଥାଅ ଭଲ୍ଲ ॥ ପୁଣି ଏ ସଂସାରେ

Digitized by srujanika@gmail.com

ଜଳ ହୋଇବ ପ୍ରବଳ । ଭୋଗଯୋଗ୍ୟ ସର୍ବଜୀବେ ହୋଇବେ ବ୍ୟାକୁଳ ॥ ସୃଷ୍ଟି ଅମ୍ଭେ କରିଥିଲୁ ଅନେକ ଉପାୟେ । ତାହା ଭୁଞ୍ଜ ବନାଇଲୁ କିସ୍ମତରେ ମାଏ ॥ ଥିବ ତୋର ଯଉବନ ଥିବ ତୋର ରୂପ । ଯୌବନ ଗର୍ବରେ ମତ୍ତ ହୋଇଲୁ ଅମାପ ॥ ମୁହିଁ ଧିକ୍କାର ବହୁତ ରୂପରେ କହିଲି । ବଧାତାଙ୍କୁ ସଙ୍ଗେ ନେଇ ସେ ସ୍ଥାନୁ ଅଇଲି ॥ ଅମ୍ଭର ଝିଙ୍ଗାସ ବାକ୍ୟ ଅଦମାତା ଶୁଣି । ଗ୍ରତଲେ ସୁରତ ରସ ଲଜ୍ଜାହିବ ଘେନ ॥ ଅମ୍ଭଙ୍କୁ ବୋଇଲେ ପୁଣି କଲ ମନ୍ଦକର୍ମ । ମୁଖେ ମାତାଙ୍କୁ ନିନ୍ଦିଲ ପାଇଲ ଅଧର୍ମ ॥ ଅନ୍ୟ ନାରୀ ସନ୍ଦେହରେ ମୋତେ ତୁଲ୍ୟ କଲ । ମୋ ଶାପେ ମର୍ତ୍ତ୍ୟରେ ଜାତ ହୋଇବ କେବଳ ॥ ଅହେ ବହୁ ମୋତେ ସ୍ତ୍ରିରୀ ଦେଖିକରୁ ତୁହ୍ମ । କେତେ ଧିକ୍କାରବଚନ କହିଲୁ ତୁହ୍ମାଇ ॥ ନାରୀରୂପେ ମର୍ତ୍ତ୍ୟେ ଜୁହ୍ମ ହୋଇବଟି ଜାତ । ମୋର ଅଭିଶାପ କଦା ନୋହିବ ଖଣ୍ଡିତ ॥ ମୋତେ ତହିଁ ଶାପ ଦେଲେ ନାନା ଯୋନି ପାଅ । ମାତାର ନିନ୍ଦାର ଫଳ ଜାଣିବ କିସ୍ମୃ ॥ ଜଗତ ନାରୀଙ୍କ ସଙ୍ଗେ ମୋତେ ତୁଲ କଲ । ଅବର୍ ଧିକ୍କାର କେତେ ରୂପେ ଯେ ବୋଇଲ ॥ ତୁମ୍ଭପରି ଶତ ଶତ ବ୍ରହ୍ମା ବିଷ୍ଣୁ ଶିବ । ଏକନିମିଷକେ ଜାତ କରିପାରେ ସର୍ବ ॥ ଆଦ୍ୟ ମାହେଶ୍ୱରୀ ଏହିରୂପେ ଶାପଦ୍ୟନ୍ତେ । ନିରଙ୍କାରଙ୍କୁ କହିଲୁ ଯାଇଣ ତୁରତେ ॥ ଅହେ ପ୍ରଭୁ ପରଂବ୍ରହ୍ମ ନିରାକାର ହରି । ପରମ ପୁରୁଷ ତୁମ୍ଭେ ସୃଷ୍ଟିଲୟକାରୀ ॥ ତବ ତିନ ଶିଷ୍ୟ ଅମ୍ଭେ ବ୍ରହ୍ମା ବିଷ୍ଣୁ ଶିବ । ତୁମ୍ଭ ଆଜ୍ଞାରେ ଭିଅଇ ଏହି ମଣ୍ଡ ସର୍ବ ॥ ସୁର ଗିର ଶିଖେ ଅମ୍ଭେ ବସିଥିଲୁଁ ଯାଇଁ । ପ୍ରବେଶିଲେ ଅମ୍ଭପାଶେ ଆଦ୍ୟ ମହାମାଇ ॥ ଅମ୍ଭେ ତିନିହେଁ ଭକତିରେ କଲୁ ନମସ୍କାର । ମହେଶ କରିଲେ ହୀନକର୍ମ ବ୍ୟବହାର ॥ ମାତାଙ୍କୁ କହିଲେ ସେହି ପାପକୁ ନ ଡରି । ମାତା ପୁଣି ଖାଇଲେ ଯେ ଲଜ୍ଜା ପୋଡ଼ି କରି ॥ ସହି ନ ପାରିଲୁ ଅମ୍ଭେ ଦେଖି ଏ ଅନ୍ୟାୟ । ମନ୍ଦ ବ୍ୟବହାର୍ ଦେଖି ଜାତହେଲା କୋହ ॥ ଭର୍ତ୍ସନା କରି ପଦେକ

Digitized by srujanika@gmail.com

ତାହାଙ୍କୁ କହନ୍ତେ । ମହାମାଈ ଶାପ ଦେଲେ କୋପ କହୁ ଚତୁରେ ।
ବୋଇଲେ ମର୍ତ୍ତ୍ୟରେ ନାସ୍ତି ସ୍ୱରୂପରେ ରହ । ଆବର କହିଲେ ମାତା
ନିନ୍ଦାଫଳ ପାଅ ॥ କିସ ଅପରାଧେ ପ୍ରଭୁ ଏଡେ଼ ଅଭିଶାପ । ଦେଲେ
ତାହା ବୁଝିବେଟି କରଣ ସ୍ୱରୂପ ॥ ଶୁଣି ନିରାକାର ମନେ
ବିପ୍ନୁ ଯେ ଦେଲେ । ଆଦିନାଥ କିଂପା ସ୍ତୁଙ୍କୁ ଅଭିଶାପ ଦେଲେ ॥
ଜଗତର ଉଦ୍ଧାରଣକାରୀ ଯେଉଁମାନେ । ଏଡେ଼କ ଶାପ ତାହାଙ୍କୁ
କହିଲେ କେସନେ ॥ ଆବର କରିଲେ ସେହୁ ବଡ଼ଇ ଅନ୍ୟାୟ ।
ଲେଉଟଣ ଶାପ ପୁଣି ଦେଲେ ହୋଇ କୋପ ॥ ପଶୁଙ୍କ ପରାୟେ
ସେହୁ କଲେ ହୀନକର୍ମ । ଏ ପାପ ଦେଖୁଁ ସେହୁ ଲଭୁ ଗୋରୁ
ଜନ୍ମ ॥ ଈଶ୍ୱର ନ ଜାଣି କଲ ଏଡେ଼ ବଡ଼ କର୍ମ । ସୁଖ ପରହର
ପୁଣି କଲାକ ଅଧର୍ମ ॥ ଏ ଦେଖୁ ଗଳାରେ ହାଡ଼ମାଳମାନ ବନ୍ଧ ।
ଶ୍ମଶାନେ ଭ୍ରମଣ କରୁ ଯୋଗୀପ୍ରାୟ ହୋଇ । ଲେଙ୍ଗୁଟି ବିଭୂତି
ବ୍ୟାଘ୍ର ଛାଲ ଆଦି ଧରୁ । ବୃଷଭରେ ଚଢି ବୁଲୁ ଯେସନେ ଉଦାସ ॥
ମାତାକୁ ହରନ୍ତ ଲଜ୍ଜା ନ କରନ୍ତ ମନେ । ସବୁଠାରେ ଲଜ୍ଜା ପାଉ
ମୋହର ବଚନେ ॥ ଶାପ ଦ୍ୟନ୍ତେ ନିରାକାର ଏହି ପରକାରେ ।
ଗୋରୂରୂପ ଆଦି ନାଥ ବହିଲେ ସତ୍ୱରେ ॥ ଗୋରୁର ଚରଣ ଆଉ
ମୁଖ ଆଦିକର । ଲିଙ୍ଗ ଗୋଟି ପଡ଼ିଅଛି ହୋଇ କେଉ କେଉ ॥
ଗୋରୁର ସ୍ୱରୂପ ହେବା ଦେଖି ଆଦିମାତା । ହରଙ୍କୁ ଚାହିଁ ମନରେ
ହୋଇଲେ ଚିନ୍ତିତା ॥ ଧ୍ୟାନରେ ଜାଣିଲେ ଏହା ଅନାଦିର କର୍ମ ।
ଛେଦନ କର ମୋର ଅଙ୍ଗ ହୋଇଲା ଏସନ ॥ ଜଗତ ଜନଙ୍କ ମୁଖେ
ଲଜ୍ଜା ଉପୁଜିଲା । ଜଗତେ କରିବେ ନିନ୍ଦା ମୋତେ ଭଏ ଭଲା ॥
କଷ୍ଟପ୍ରୁ ସରିଲା ଅଙ୍ଗ ମୋର ବଡ଼ପଣ । ଏହା ଭାଳି ତାଙ୍କଠାରୁ
କରିଲେ ପ୍ରୟାଣ ॥ ଅନାଦି ନାଥଙ୍କ ପାଖେ ଅମ୍ଭେ ଅଛୁ ରହି । ଏହି-
କାଳେ ଆଦିମାତା ମିଳିଲେକ ଯାଇଁ ॥ ଅମ୍ଭେ ତାଙ୍କୁ ଦେଖି କରି
ଚରଣେ ପଡ଼ିଲୁ । ଯହିଁ ଠିଆ ହୋଇଥିଲୁ ସେଠାରେ ରହିଲୁ ॥

Digitized by srujanika@gmail.com

ଅନାଦିଙ୍କ ପାଦେ ନମି କହୁଲେ ଗୋମାତା । କପାଁ ଅଭିଶାପ ଦେଲ ଜଗତକରତା ॥ ପୁତ୍ରଙ୍କ କଥାରେ ଏତେଡ଼ ଶାପକୁ ବହିଲ । ଆବର ମୋ'ତେ ଯେ ପୁଣି ଗୋରୂପ କଲ ॥ କିସ ଅପରାଧ ମୋର ହୋଇଲା ଏଥିରେ । ନ ବୁଝି ଏତେଡ଼େକ ଶାପ ଦେଲ କିରୂପରେ ॥ ଈଶ୍ୱର ସାକ୍ଷାତେ ତବ କଳା ଧରୁ ଅଛୁ । ତେଣୁ ତାର ସନ୍ନିଧରେ ଶୃଙ୍ଗାର ମୁଁ ଭଜୁଛି । ମୋତେ ପୁଣି କେଉଁ କଥା ଅଗମ୍ୟ ବା ଅଛୁ । ବୁଝିଲେ ମୋହରଠାରୁ ସଂସାର ଜନ୍ମିଛି ॥ ମୁଁହ ଅଟେ ଆଦିନାରୀ ତୁମ୍ଭେ ଆଦିନାଥ । ଏତେଡ଼େ ଶାପ ଦେଲ ପ୍ରଭୁ ନ ବିଚାରି ଚିତ୍ତ ॥ ମାନ୍ୟ କଲ ଏ ବା ସଂସାରେ ମୋତେ ଯେ କରିବ । ପଶୁଜାତି ମଧ୍ୟେ ପୁଣି ହୋଇଲଣି ଗାବ ॥ ଏଥିକୁ କାରଣ ମୋତେ କହ ଅନ୍ତର୍ଯ୍ୟାମୀ । କପରି ଶାପରୁ ମୁହିଁ ମୁକ୍ତ ହେବି ସ୍ୱାମି ॥ ଅପର୍ଣ୍ଣା ବିନୟ ବାଣୀ ଶୁଣି ଆଦିନାଥ । ବୋଇଲେ ଗୋ ଆଦିନାରୀ ନ ହୁଅ ଆରତ ॥ ମୋର ଅଭିଶାପ ବାକ୍ୟ ହେବ ନାହିଁ ଆନ । ଅବଶ୍ୟ ଗୋରୂ ଜନମ ଲଭିବୁ ପୁଣ ॥ ବ୍ରହ୍ମା ବିଷ୍ଣୁ ଶିବ ପିନା କଲା ଯେ ଅମୃତ । ଉଭବ ହୋଇଲେ ପୁଣି ଉଦରୁ ତୁମ୍ଭର ॥ ଯେଣୁ ତୁମ୍ଭର ଜଠରୁ ହୋଇଲେ ସଜାତ । ଲୌକିକରେ ହେଲେ ପୁଣି ତୁମ୍ଭର ସେ ସୁତ ॥ ତାଙ୍କ ସଙ୍ଗ ତୁମ୍ଭ ପ୍ରୀତି ଉଚିତ ନୁହଇ । ଲୋକଙ୍କ ମତରେ ଏହା ନିନ୍ଦିତ ଯେ ହୋଇ ॥ ପୀରତି କରିଲ ଯେବେ ମୋର କଳା ଜାଣି । ତୁମ୍ଭ ଅଯଶ ସଂସାରେ ନ ଘୋଷିବେ ପ୍ରାଣୀ ॥ ଯେ ନିନ୍ଦିବ ନିଷ୍ଟେ ସେହୁ ପାତକୀ ହୋଇବ ॥ ଶ୍ୱେତଯୁଗ ଗଲେ ପୁଣି ତାର ଗତି ହେବ । ସକଳ ହୃଦୟେ ଯେଣୁ ବସନ୍ତି ମୋହର । ଜଗତେ ଏ କଥା ନିନ୍ଦା ନୋହିବ ତୁମ୍ଭର ॥ ମୋର ଅଭିଶାପ କେବେ ନ ହେବ ଖଣ୍ଡନ । ଗାୟତ୍ରୀ ସ୍ୱରୂପେ ତୁମ୍ଭେ ଲଭିବ ଜନମ ॥ ବିଦୁଷେ ତୁମ୍ଭର ନାମ ଜପ ଯେ କରିବେ । ତୁମ୍ଭନାମ ଧରଣ ଯେ ସଂସାରୁ ତରିବେ ॥ ତୁମ୍ଭ କାମନାରୁ ଜାତ ହୋଇବେ ଯେ ଗାଈ । ସେମାନେ କାମଧେନୁ

Digitized by srujanika@gmail.com

ଯେ ସଂସାରେ ବୋଲାଇ ॥ ତାହାଙ୍କଠାରୁ ଯେତେକ ଉପୁଜିବେ ବସ୍ତା । ସେମାନେ କରିବେ ନଷ୍ଟେ ଜଗତଙ୍କୁ ରକ୍ଷା ॥ ସେମାନଙ୍କୁ ଆରାଧନା କରିବେ ସମସ୍ତେ । ଯେ ତାଙ୍କୁ ନିନ୍ଦିବେ ସେହି ଯିବେ ନର୍କପଥେ ॥ ଅନାଦିଙ୍କ ଏହି ବାଣୀ ଅଦମାତା ଶୁଣି । ଗୋରୂ ସ୍ୱରୂପେ ଅଇଲେ କହି ଘୋରବାଣୀ । ତାହାଙ୍କ କୋଳରେ ବତ୍ସା ହୋଇଲେ ଅନେକ । ନିଜ କାମନାରୁ ଜାତ କରିଲେ ଅସଂଖ୍ୟ ॥ ଜଗତେ ବୃଦ୍ଧି ପାଇଲେ ଯେଣୁ ଗୋରୁକୁଳ । ଆଦ ନାରୀଙ୍କ ଆଜ୍ଞାରେ ଦଶଦିଗ ପାଳ ॥ ଗୋରୁଙ୍କର ଅଙ୍ଗରେ ସେ ସ୍ରେମାବଳୀ ହେଲେ । ବୃନ୍ଦାରକେ ମାତା ଆଜ୍ଞା ପାଇଣ ବସିଲେ । ଗୋରୁଙ୍କର ସେବ କରେ ଟି ଯେତେ ହୁଏ ଫଳ । ସେ କଥା ଶୁଣ ଭୁ ଏବେ କୁନ୍ତୀଦେବୀ ବାଳ ॥ ଶତେ ଟମ୍ବୂ ପ୍ରଜାଳିଲେ ଯେତେ ଫଳ ମିଳେ । ତେତେଫଳ ହୁଏ ଏକ ଗାଭ ସେବା କଲେ ॥ ଯେ ମହା ପାତକୀ ଗୋରୁ ହତ୍ୟାକରି ଥାଇ । ଯୁଗାନ୍ତ ପର୍ଯ୍ୟନ୍ତେ ସେହି ନର୍କରେ ପଡ଼ଇ ॥ ତଦପରେ ଅନ୍ୟଯୁଗ ଆସି ପ୍ରବେଶନ୍ତେ । ପଶୁ ଯୋନିରେ ଜନମ ହୁଏ ଜନ୍ମ ଶତେ ॥ ଗୋବଧ କରିବା ଲୋକ ଏତେ କଷ୍ଟ ପାଇ । ଉଦ୍ଯୋଗୀ ଲୋକ ତହିଁରୁ ଅର୍ଦ୍ଧେକ ଭୋଗଇ ॥ ଦେଖନ୍ତା ବ୍ୟକ୍ତି ତହିଁରୁ ବଣ୍ଟାଏକ ପାଏ । ଏ ସବୁ କଥା କହିଲି ତୋତେ ଧନଞ୍ଜୟେ ॥ କହିବସିଲେ ଏକଥା ଶେଷ ଯେ ନୋହିବ । ମନଯୋଗ କରି ପାର୍ଥ ଶୁଣିଲଟି ସବ ॥ ଶୁଣିକରି ଧନଞ୍ଜୟ ଆନନ୍ଦିତ ହେଲା । ଖଣ୍ଡିଲ ପାତକ ବୋଲି ପାଦରେ ପଡ଼ିଲା ॥ ହେ ଦୀନବାନ୍ଧବ ହରି ଅନନ୍ତ ଆଧାର । ହରେକୃଷ୍ଣ ଦାସ ସଦା ସେବେ ତୋ ପୟର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୋରୂଜନ୍ମ
ଏବଂ ମହାଦେବଙ୍କ ଯୋଗୀରୂପ ଧାରଣ ବିଷୟ କଥନେ
ନାମ ଅଷ୍ଟସପ୍ତତିତମୋଽଧ୍ୟାୟଃ ।

Digitized by srujanika@gmail.com

ଊନାଶୀତିତମ ଅଧ୍ୟାୟ ।

ପୁନରପି ପୁଚ୍ଛାକରେ ବୀର ଅରଜୁନ । ଆହୁ ଭକ୍ତଙ୍କର କଥା କହ ଭଗବାନ ॥ ଏହି ନିବେଦନକରେ ତବ ପାଦତଳ । କହ ସନ୍ତୁଷ୍ଟ କରନ୍ତୁ ମୋତେ ଅଦମଳ । ଗୋବିନ୍ଦ ବୋଇଲେ ଶୁଣ ଅହେ ଧନୁର୍ଦ୍ଧର । ବିରୂପାକ୍ଷ ନାମେ ଥିଲା ଏକ ଯେ ଶବର ॥ ଜନ୍ତୁବଧ ବେଉସା ଯେ ଅଟଇ ତାହାର । ତାହା କରି ଆନନ୍ଦରେ କରୁଥାଏ ଘର । ଏହା ବିନା ଅନ୍ୟବୃତ୍ତି ଆଉ ସେ ନ ଜାଣେ । ଢାଲ ଅଠାକାଠି ଧରି ବୁଲୁଥାଏ ବନେ । ସକାଳରୁ ସନ୍ଧ୍ୟାଯାଏ ଜୀବ ମାରୁଥାଏ । ତିଳେ ମାତ୍ର କାହାଠାରେ ଦୟା ଯେ ନ ଥାଏ ॥ ମାଂସଯାକ ପୋଡ଼ି ଖାଏ କ୍ଷୁଧା ପୁଣି କଲେ । ଅପଣା ଘରକୁ ନିତ୍ୟ ନିଅଇ ସଙ୍ଗରେ ॥ ଯେତେ ଘରକୁ ନିଅଇ ପକ୍ଷୀ ତାର ଅଛି । ଚୁଲିରେ ବସାଇ ତାଙ୍କୁ ଯତ୍ନେ ରାନ୍ଧେ ବସି । ଏହିରୂପ ପ୍ରତିଦିନ କରଇ ସେ ବ୍ୟାଧ । ଏକଦିନେ ଅଠାକାଠି ଧରିଣ ନିର୍ବୋଧ । ବନମଧ୍ୟେ ପଶି ପକ୍ଷି ଜୀବଙ୍କୁ ନାଶଇ । ସେଦିନ କାହାର ପୋଷାଶୁଆ ଉଡ଼ିଯାଇ । ବୃକ୍ଷପତ୍ରେ ବସିଥିଲା ଆନନ୍ଦ ମନରେ । ରାମ ନାମ ପଢୁଥାଏ ଅତି ଉତ୍ସୁକରେ । ଏ ସମୟେ ସେହି ବ୍ୟାଧ ତାହାକୁ ଦେଖିଲା । ଲତା ଉହାଡ଼ରେ ଯାଇଁ ଲୁଚିଣ ବସିଲା ॥ ଅଠା କାଠି ଧରି ତାକୁ ଦେଲା ସେ ଲଗାଇ । ପକ୍ଷିଗୋଟି ପଡ଼ିଗଲା ଚେତାହୀନ ହୋଇ । ଦେଖି ଶବର ତାହାକୁ ଧଇଲା ଯାଉଁଟି । ମାରିବ ବୋଲି ତାହାର ଚପୁଥିଲା ତଣ୍ଟି । ହୃଦଳରେ ଶୁଆ ଗୋଟି ରାମ ରାମ କହେ । ତାହା ଶୁଣିଣ ଶବର କାଠକା ଯେ ହୁଏ । ବିଚାରଇ ଏ କଥାତ ଲାଗେ ଅଚମ୍ଭିତ । ଏ ବନରେ ମାରଇ ମୁଁ ଜୀବଙ୍କୁ ସତତ । ରାମ ନାମ ପଦ ମୁହିଁ କେବେ ଶୁଣି ନାହିଁ । ପ୍ରାଣଯିବା ବେଳେ ପକ୍ଷୀ ଏମନ୍ତ ବୋଲଇ । ରାମ ନାମ କହିବାର କିସ ଯେ ମରମ । ଏ ପଦର ଅର୍ଥ କେତେ ହେବ ମୋତେ ଗମ୍ୟ । ଯାହା ହେଉ ଏ କଥାରେ ଉପୁଜେ ସନ୍ଦେହ । ଶୁଣିଲା ବେଳରୁ ମୋର ମନ ନୋହେ ଥୟ ॥ ଏ ରାମ

Digitized by srujanika@gmail.com

ନାମକୁ ମୁହିଁ ହୃଦେ ରଖିଥିବି । ଏଠାରୁ ଗଲେ ଲୋକଙ୍କୁ ଯାଇଁ ପଚାରିବି ॥ ଏତେ ଭାଳ ପକ୍ଷୀ ଶୁଆ ଗୋଟି ସେ ଛାଡ଼ିଲା । ଥରେ ପକ୍ଷୀ ଜୀବମାର ବାହୁଡ଼ି ଅଇଲା ॥ ଭାବଇ ପକ୍ଷୀର କଥା ଆସୁ ଆସୁ ପଥେ । ରାମ ନାମ ବୋଲଇ ସେ କେବଣ ବା ଅର୍ଥେ ॥ ଶବର ପଲ୍ଲୀରେ ଯାଇଁ ଉପସ୍ଥିତ ହେଲା । ଗ୍ରାମ ଲୋକମାନଙ୍କୁ ସେ ଡକାଇ ଆଣିଲା ॥ ବନ୍ଧୁ ବାନ୍ଧବେ ଶବର ପୁଚ୍ଛଇ ବଦନ୍ତୁ । ଅପୂର୍ବ କଥା ଶୁଣିଲି ବନରେ ମୁହିଁତ ॥ ଶୁକପକ୍ଷୀ ଏକ ଗୋଟା ଆଜ ମୁଁ ଧରିଲି । ରାମ ନାମ କହନ୍ତେ ସେ ତାକୁ ମୁଁ ଛାଡ଼ିଲି ॥ ତୁମ୍ଭେମାନେ ଜାଣ କହେ ଏହାର ବୃତ୍ତାନ୍ତ । ରାମ ନାମ ବୋଲିବାର ଅଟଇ କି ଅର୍ଥ ॥ ଗ୍ରାମର ଲୋକେ କହିଲେ ଆହେ ଭାଇ ଶୁଣ । ଏଥିର ଉତ୍ତର ଆମ୍ଭେ ଜାଣିନାହୁଁ ପୁଣ ॥ ଶବର ବୋଇଲା ଏହା ଯେବେ କେଉଁ ଜନ । କହିଦିଅନ୍ତା ନାଶଯାନ୍ତା ମୋ ସନ୍ଦେହମାନ ॥ ସେମାନେ ବୋଇଲେ ଯେବେ ନୋହିଲା ବିଶ୍ୱାସ । ଅନ୍ୟଗ୍ରାମ ଲୋକଙ୍କୁ ତୁ ପଚାରଣ ଆସ ॥ ଏପରି ଶୁଣି ଶବର ଭାବନା କରଇ । କେଉଁପରି ଏହିକଥା ଅବା ବୁଝିବଇଁ ॥ ଦାରୁଣ ବ୍ୟାଧିତା ଅଣେ ହେଲା ଘୋର ଚିନ୍ତା । କେଉଁ ଅଜ୍ଞେ ଗଲା ଜନ୍ମ ମାରିବାର କଥା ॥ ରାମ ନାମ ପଦ ମୋର ହୃଦୟ ବାନ୍ଧିଲା । ମରିବି କିବା ତରିବି ଜଣାନାହିଁ ଭଲା ॥ ରାମ ନାମ ପଚାରି ମୁଁ ସୁଧାଭୁରେ ମଲି । କୁଟୁମ୍ବଙ୍କ ଚିନ୍ତା ଆଉ ବୁଝିବ କେ କାଳି ॥ ମୁହିଁ ଧନମରେ କେତେ ଲୋକଙ୍କୁ ପଚାରି । ଏତେ ବୋଲି ଶବରର ଚିନ୍ତା ଅପେ ଘାରି ॥ ସେଠାରୁ ଅନ୍ୟ ସହର ଗମନ କରିଲା । ରାମ ନାମ ପଦ ତାର ମୁଖରେ ରହିଲା ॥ ଯାଇଁ ପହଞ୍ଚିଲା ଏକବୃଦ୍ଧ ଗ୍ରାମ ମଧ୍ୟେ । ତହିଁ ଥିବା ଲୋକଙ୍କୁ ସେ ପୁଚ୍ଛଇ ସ୍ତବଧେ ॥ ଶୁକ ପକ୍ଷୀ ରାମପଦ କହିଲା କିପାଇଁ । ରାମ ରାମ ପଦ ପୁଣି କାହାକୁ ବୁଝାଇ ॥ ଜାଣିଥିଲେ କହ ଭାଇ ଏଥିର ବୃତ୍ତାନ୍ତ । ରାମ ନାମ ପଦର ସେ କେଉଁପରି ଅର୍ଥ ॥ ସେମାନେ ଶୁଣି କହିଲେ ଶୁଣ ରୁରେ ବାଇ । ଯେଉଁ ଶୁକପକ୍ଷୀ ରାମ ପଦକୁ କହଇ ॥ କେଉଁ ମହାତ୍ମାର

Digitized by srujanika@gmail.com

ସେହୁ ପୋଷାଜୀବ ଗୋଟି । ତେଣୁ କର ରାମ ନାମ ଅହର୍ନିଶି ରଟି ॥ ଶବର ଟେକିଲା ଡାହା ଶୁଣଇ ଯେ କର୍ଣ୍ଣେ । ଅପଦ ବା ନାମପଦ ସେ ପଦ ଶ୍ରବଣେ ॥ ଲୋକେ ବୋଇଲେ ଏହା ଯେ ଚୋର ଭଲ ହେଲା । ତାହାଙ୍କର ବଚନକୁ ପ୍ରତେ ସେ ନ ଗଲା ॥ ଅନ୍ୟ ଅନ୍ୟ ଗ୍ରାମମଧ୍ୟେ ଯହିଁ ପଶୁଥାଇ । ପକ୍ଷୀ ରାମ ରାମ ପଦ ବୋଇଲା ସେପାଇଁ ॥ ସେମାନେ ବୋଇଲେ ଖାଇ ମଙ୍ଗଳ ଚୋହର । ରାମ ନାମ ପଦ ଯେଣୁ ଶୁଣିଲୁ କର୍ଣ୍ଣର ॥ ଏହୁ କଥା ଗୋଟି ଚୋର ଭଲ ଯେ ହୋଇଲା । ପ୍ରତେ ନ କରି ଶବର ଚିନ୍ତୁ ବାହୁଡ଼ିଲା ॥ ଏହୁପର ପ୍ରତିଦିନ ଖାଟିଲେ ମଟନ ମନେ । କାହାର ଯୋଗେ ସନ୍ଦେହ ନ ଛୁଟିଲା କେଣେ ॥ ଶୟନ ଭୋଜନ ବେଳେ ବିଚାର କରଇ । ପକ୍ଷୀ ରାମ ରାମ ପଦ ବୋଇଲା ସେପାଇଁ ॥ ଏରୂପେ ବହୁଣ ଚିନ୍ତୁ ଗଲା କେତେଦିନ । ଶବରର ମୃତ୍ୟୁକାଳ ହୋଇଲା ଘଟନ ॥ ତାହା ଜାଣି ଯମଦୂତେ ପ୍ରବେଶିଲେ ଆସି । କରେ ଧରି ଅଛନ୍ତି ସେ ଲୌହଦଣ୍ଡ ଫାଶି ॥ ବ୍ୟାଧକୁ ନେବା ନିମିତ୍ତ ଉପସ୍ଥିତ ହେଲେ । ଏ ସମୟେ ବିଷ୍ଣୁ ଦୂତେ ଆସି ପ୍ରବେଶିଲେ ॥ ତାଙ୍କୁ ଦେଖିକରି ଯମଦୂତେ ଭୟ ପାଇ । ପଳାଇ ଯାଇଣ ପୁଣି ଖଣ୍ଡଦୂରେ ଥାଇ ॥ ବୋଲନ୍ତି ବିଷ୍ଣୁଦୂତେ ଏ ଅଟନ୍ତି ନିକର । ଯମପଣ ଛଡ଼ାଇଣ ନେଲେ କ ଶ୍ରୀଧର ॥ ଏ ଶବର ମହାପାପୀ ଅଟଇ କାଳକ୍ଷ । ଏହାକୁ କେତେ ନିଅନ୍ତି ଧରି ବିଷ୍ଣୁଲୋକ ॥ ଦଣ୍ଡ ଦେଇଥାନ୍ତୁ ଅମ୍ଭେ ଏହାକୁ ନେଇଣ । ବାନ୍ଧି ପକାଇ ଥାଆନ୍ତୁ ରୌରବ ନର୍କେଣ ॥ କଳ୍ପପରଯନ୍ତେ ପୁଣି ନର୍କ ଭୋଗିଥାନ୍ତା । ତତପରେ ଯା ହେବାର ତା ଅବା ହୁଅନ୍ତା ॥ ଏ ପାପୀ ନେବେ ଯଦ୍ୟପି ବୈକୁଣ୍ଠ ଭୁବନ । ଯମ ଅଧିକାର ବୁଡ଼ିଗଲା ଅଛୁ ପୁଣ ॥ ପୂର୍ବେ ଯେମ ବୋଲିଛନ୍ତି ପ୍ରଭୁ ଭଗବାନ । ଜୀବ ଦ୍ରୋହକୁ ନେଇଣ ନର୍କେ ଦେବ ସ୍ଥାନ ॥ ବିଶ୍ୱାସଘାତକୀ ପୁଣି ଏହୁ ଜୀବଦ୍ରୋହୀ । ପରଧନ ପ୍ରତିଦିନ ଚୋରପେ କରଇ ॥ ସାଧୁଠାରୁ ଧନନେଇ ନ ଦିଏ ସେ ପୁଣ । ଲଙ୍ଘେ ଉକାଏ ଅବର ଧର୍ମ

Digitized by srujanika@gmail.com

କୀର୍ତ୍ତିମାନ । ପତିବ୍ରତା ରମଣୀକୁ ଯେ କରେ ହରଣ । କୃଷ୍ଣେ ସମର୍ପିଲ
ବସ୍ତୁ ଫେରାଇକରେ ପୁଣ ॥ ବ୍ରାହ୍ମଣୀମାନଙ୍କୁ ଯେହୁ ବଳରେ ରମନ୍ତି ।
ଦାନ କୀର୍ତ୍ତିମାନ ଯେହୁ ବଳେ ଭାଙ୍ଗିଦେଇ ॥ ପରକୁ ପ୍ରମାଦ ପୁଣି
ଚିନ୍ତେ ଅହୋରାତ୍ର । ସାଧୁ ଲୋକଙ୍କୁ ଯେ ନିନ୍ଦା କରଇ ସତତ ॥
ଗୋରୁ ବ୍ରାହ୍ମଣସ୍ତ୍ରୀଙ୍କୁ ହରେ ବଳାତ୍କାରେ । ପୋଷିବା ଜୀବ ମାରଇ
ଯେ ଅକାରଣରେ ॥ ବୃଦ୍ଧ ପ୍ରତିମାକୁ ନିନ୍ଦାକରେ ଯେଉଁ ନର ।
ଭୃତ୍ୟକୁ ଅଦୋଷେ ଦଣ୍ଡ ଦିଏ ଯେ ପାମର ॥ ଏମାନଙ୍କୁ ନେଇ ତୁମ୍ଭେ
କଷ୍ଟରେ ଦଣ୍ଡିବ । ପୁଣି ବାନ୍ଧି ନେଇ ତାକୁ ନର୍କେ ପକାଇବ ॥
ନାନା ପରକାରେ ଦଣ୍ଡ ଦେବ ତାଙ୍କୁ ପୁଣି । କଳ୍ପେ ପାଏ ନର୍କଭୋଗ
କରିବ ସେ ପ୍ରାଣୀ ॥ ଯେବେ ଦୈବର ସୁକୃତ କିଛି ତାର ଥିବ । ତେବେ
ତାହାକୁ ନର୍କରୁ ଉଦ୍ଧାର କରିବ ॥ ଏମନ୍ତ କହିଣଥିଲେ ପ୍ରଭୁ
ଭଗବାନ । ଏବେ ସେ କଥା ସବୁତ ହୁଏ ଅକାରଣ ॥ ବିଷ୍ଣୁଦୂତେ
ବୋଇଲେ ଯେ ଯମଦୂତେ ଶୁଣ । ତୁମ୍ଭେ ଯାହା କହିଲଟି ଯଥାର୍ଥ
ବଚନ ॥ ଏ ଶବର ପାପ ପୁଣ୍ୟ କିଛି ନ ଜାଣନ୍ତି । କେବଳ ଜୀବ
ମାରଣେ ଗଲା ଯ୍ୟାର ଦେହୀ ॥ ଏହାର ଜୀବ ମାରଣ ଅଟେ ବ୍ୟବସାୟ ।
ଭଲ ମନ୍ଦ ପାପ ପୁଣ୍ୟ ନ ଜାଣେ ନିଶ୍ଚୟ ॥ ଶୁଆପକ୍ଷୀ ମୁଖୁ ରାମ ନାମ
ପଦ ଶୁଣି । ଗ୍ରାମଲୋକମାନଙ୍କୁ ଏ ପଚାରିଲା ପୁଣି ॥ ଯେଣୁ ରାମ
ନାମ ପଦ କର୍ଣ୍ଣରେ ଶୁଣିଲା । ତେଣୁ ଏହାର ହୃଦରେ ସେହି ସେ
ନାଚିଲା ॥ ସେ ରାମ ନାମକୁ ନିତ୍ୟ ଯେଣୁ ସୁମରିଲା । ଜନ୍ମବଧିର
ପାତକ ଏହାଠାରୁ ଗଲା ॥ ଅଜ୍ଞଠାରୁ ତୁମ୍ଭେମାନେ କର୍ଣ୍ଣେ ଶୁଣିଥାଅ ।
ଅଜ୍ଞାନେ ପାପ କରଇ ଯେଉଁ ଦୁରାଶୟ ॥ କିଏ ପାପ କିଏ ପୁଣ୍ୟ
କିଛି ଯେ ନ ଜାଣେ । ଯେ ଲୋକ ପଶୁସଙ୍ଗରେ ଗଣ୍ୟହୁଏ ଏଣେ ॥
ସେହୁ ଯେବେ ଅଜ୍ଞାନରେ ରାମ ନାମ କହେ । ସକଳ ପାତକ ତାର ଦହି
ହୋଇଯାଏ ॥ ତାଙ୍କଠାରେ ଅଧିକାର ତୁମ୍ଭେ ନ କରିବ । କରିଲେ
ନିଶ୍ଚୟ ଜାଣ ଦଣ୍ଡକୁ ପାଇବ ॥ ଏଥାକୁ ସଂଶୟ ତୁମ୍ଭେ ନ କର ଯେ

Digitized by srujanika@gmail.com

ମନେ । ଜନ୍ମପଣ୍ଡ ଅଗ୍ରତରେ ଜଣାଅ ବଦନେ । ଏତେ କହ୍ନ ରଥପରେ ତାହାଙ୍କୁ ବସାଇ । ବୈକୁଣ୍ଠପୁରକୁ ନେଇଗଲେ ହର୍ଷ ହୋଇ ॥ ଶୁଣିଲୁତ ଅରଜୁନ ନାମର ବୃତ୍ତାନ୍ତ । ଅକ୍ଷରେ ଧଇଲେ ମଧ୍ୟ ହୁଏ ସ୍ୱର୍ଗପ୍ରାପ୍ତ ॥ ମୋର ନାମରେ ଯାହାର ବିଶ୍ୱାସ ଅଛଇ । ସେ ପ୍ରାଣୀ ନିଶ୍ଚେ ସଂସାର କୂପୁଁ ତରଯାଇଁ । ସେ ରାମ ନାମକୁ ମୂଢ଼ଁ କରଣ ଆଶ୍ରୟ । ନାମରତ୍ନ ଗୀତା ଲେଖେ ହେ ବିବୁଧଚୟ ॥ ମୋରନାମ ହରେକୃଷ୍ଣ ଦାସ ଯେ ଅଟଇ । ରାମ ନାମ ପଦ ମୂଢ଼ଁ ସର୍ବଦା ବାଞ୍ଛଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ବୃଦ୍ଧ ରୂପାକ୍ଷ ଶବର ବିଷୟ କଥନେ ନାମ ଊନାଶୀତିତମୋଽଧ୍ୟାୟଃ ।

ଅଶୀତିତମ ଅଧ୍ୟାୟ ।

ପୁନରପି ପଚାରଇ ବୀର ଅରଜୁନ । ଆବର ଭକତ କଥା କହ ଭଗବାନ ॥ ତବ ମୁଖୁ ଶୁଣିଲେ ମୋ ଯିବ ପାପଭାର । ଆପଣ ଅଟନ୍ତି ସାକ୍ଷାତରେ ନିରାକାର ॥ ଶ୍ରୀହରି ବୋଇଲେ ଭୁ ହୋ ଶୁଣ କୁନ୍ତୀସୁତ । ଯେତେବେଳେ ଆମ୍ଭେ ବଇକୁଣ୍ଠରେ ଥିଲୁତ । ସାଧୁଦାସ ନାମେ ଥିଲା ଏକ ବିପ୍ରବର । ଶାନ୍ତ ଶୁଦ୍ଧବୁଦ୍ଧି ସେହୁ କରେ ଉପକାର ॥ ନାନାଶାସ୍ତ୍ର ବେଦ ପୁଣି ବିଚାରେ ପଣ୍ଡିତ । ଜାଣିଲା ଏହୁ ସଂସାର ଅଟଇ ଅନିତ୍ୟ ॥ ପୁତ୍ର ଭାଇ ପତ୍ନୀ ବନ୍ଧୁ ସବୁ ଅକାରଣ । କେବଳ ମାୟାରେ ପ୍ରାଣୀ ହୋଇଛି ବନ୍ଧନ ॥ ଏମନ୍ତେ ମନେ ତାହାର ବୈରାଗ୍ୟ ଜନ୍ମିଲା । ଧନ ଦାରା ସୁତ ଆଦି ସକଳ ତେଜିଲା ॥ ବନମଧ୍ୟରେ ପଶିଲା ଏକାକୀ ସେ ହୋଇ । ବ୍ୟାଘ୍ର ଭାଲୁ ସିଂହ ଦେଖି ଭୟ ନ କରଇ । ଉତ୍ତୁଳ ବୃକ୍ଷ ମୂଳରେ ବସିଲା ନିଶ୍ଚିନ୍ତେ । ଏକଲୟେ ମୋ ନାମକୁ ଧ୍ୟାଇ ହୃଦଗତେ । ସର୍ବଦା ଜପ କରଇ ମୋର ନାମ ବସି । ମୋହର ସେବା ପୂଜାରେ ଥାଏ ଅହର୍ନିଶି ॥ ଯେଉଁଦିନ ଯେଉଁ ଫଳମୂଳ ସେ ଲଭଇ । ମୋତେ ସମର୍ପି ତାହା ସେ

Digitized by srujanika@gmail.com

ଭକ୍ଷଣ କରଇ ॥ ଖରା ବରଷା ଶୀତଭୁ ନ ଥାଇ ଯେ ଭୟ । କେବଳ ମୋର ନାମକୁ ଜପେ ଅହରହ ॥ ନାମ ଭଜନେ ଉଲ୍ଲାସ ହୁଏ ତାର ମତ । କେଉଁପରି ଦେଖିବଇଁ ପ୍ରଭୁ ଶ୍ରୀ ଖପତ ॥ ଏହିରୂପେ ରହୁଥାଏ ବସି ବୃକ୍ଷ ମୂଳ । ମୋର ନାମ ଗୋଟି ପୁଣି କରି ଜପାମାଳ ॥ ଏକଦିନେ କଳପ୍ରିୟ ନାରଦ ଗୋସାଇଁ । ଯାଉଥିଲେ ସେହି ପଥେ ବୀଣାଯନ୍ତ୍ର ବାଇ । ତାଙ୍କୁ ଦେଖି ବେଗେ ଉଠି ସାଧୁଦାସ ପୁଣି । ବୋଇଲା କେଣିକି ଯାଅ ଅହେ ତପୋମଣି ॥ ତା ବିନୟ ବାକ୍ୟ ଶୁଣି ବୋଇଲେ ମହର୍ଷି । ବୈକୁଣ୍ଠେ ଯାଉଛୁଁ ଦେଖିବୁଁ ଯେ ବ୍ରହ୍ମଋଷି ॥ ଶୁଣିକରି ସାଧୁଦାସ ଆନନ୍ଦିତ ହେଲା । ବିନୟରେ କରଯୋଡି ଏମନ୍ତ ବୋଇଲା ॥ ଅହେ ମୁନିବର ତୁମ୍ଭେ ଦରଶନ ସାର । ଆସିବା ବେଳେ ପ୍ରଭୁଙ୍କୁ ପୁଛିବ ଏପର ॥ ଯେ ସାଧୁଦାସ ବସିଛୁ ତୁମ୍ଭ ରୂପ ଧ୍ୟାଇ । ପାପନେତ୍ରେ ଦେଖିବ କି ନ ଦେଖିବ ସେହି ॥ ଏହା ଶୁଣି ନାରଦ ଯେ ସେଠାରୁ ଗମିଲେ । ଅମ୍ଭଙ୍କୁ ଦର୍ଶନକରି ବାହୁଡ଼ିଣ ଗଲେ ॥ ସାଧୁଦାସର କଥାତ ତାଙ୍କ ମନେ ନାହିଁ । ବାହୁଡ଼ିଲେ ସେହିପଥେ ବୀଣାଯନ୍ତ୍ର ବାଇ ॥ ସାଧୁଦାସ ଅଗ୍ରେ ଯାଇଁ ପ୍ରବେଶ ହୋଇଲେ । ନାରଦେ ପୁଛିଲେ ହରି କି କଥା କହିଲେ ॥ ସେ କଥା ମୋର ଅଗରେ କହ ତପିବର । ନାରଦ କହିଲେ ତାହା ମନେ ନାହିଁ ମୋର ॥ ଦୁଃଖିତ ନ ହୁଅ କାଲି ବୁଝିଣ ଆସିବୁଁ । ସବୁକଥା ତୁମ୍ଭଙ୍କୁ ଯେ ବିସ୍ତାରି କହିବୁଁ ॥ ପ୍ରତ୍ୟହ ଏରୂପେ ଋଷି କହିଣ ଯାଆନ୍ତି । ବୈକୁଣ୍ଠ ଆସିଲାବେଳେ ତାହା ଭୁଲିଯାନ୍ତି । ଏରୂପେ ଚତୁର୍ଦ୍ଦିନ ଯହୁଁ ଗତଗଲା । ପଞ୍ଚମଦିନେ ଋଷିଙ୍କ ମନେ ତା ପଡ଼ିଲା ॥ ଅମ୍ଭର ପାଦପଦ୍ମକୁ କରିଣ ବନ୍ଦନ । ଭକତିରେ ସ୍ତବପାଠ କରିସାରି ପୁଣ ॥ ଆସିବାବେଳେ ବୋଇଲେ ଅମ୍ଭଙ୍କୁ ଏସନ । ପ୍ରଭୁ କଥାଏ ପୁଛିବି ତୁମ୍ଭଙ୍କୁ ଏକ୍ଷଣ ॥ ଆପଣଙ୍କୁ କେଉଁକଥା ଅଛି ବା ଅଜଣା । ସାଧୁଦାସ ବସିଅଛି କରିଣ ଭାବନା ॥ ଦିନେ ସେହି ପଥଦେଇ ଆସୁଥିଲି ମୁହିଁ । ମୋତେ ଦେଖି ସାଧୁଦାସ

Digitized by srujanika@gmail.com

ଆଇଲେ ଗୋସାଇଁ ॥ ପାଦେପଡ଼ି ବିନୟରେ ବୋଇଲେ ଏମନ୍ତ । କେଉଁଠାକୁ ଯାଉଅଛ ଆହେ ତପୋବନ୍ତ ॥ ମୁଁ ବୋଇଲି ଯାଉଛି ମୁଁ ବୈକୁଣ୍ଠ ଭୁବନ । ପ୍ରଭୁଙ୍କର ପାଦପଦ୍ମ କରିବି ଦର୍ଶନ ॥ ଶୁଣି ସାଧୁଦାସ ବୋଲେ ଏପରି ବଚନ । ମୋ କଥା ହରିଙ୍କୁ ତୁମ୍ଭେ ଜଣାଇବ ପୁଣ ॥ ତିନ୍ତୁଳି ବୃକ୍ଷ ମୂଳରେ ବସିଅଛି ମୁହିଁ । ଏ ଜନ୍ମେ ପ୍ରଭୁଙ୍କ ଦେଖା ପାଇବି କି ମୁହିଁ ॥ ଏତେକ କଥା ମୋହର ମନ ନ ଭୁଲିବ । ଶ୍ରୀହରି ପାଦପଦ୍ମରେ ନିଶ୍ଚେ ଜଣାଇବ ॥ ତା କଥା ମୁଁ ଜାଣି ଭୁଲି ଗଲି ଅହେ ନାଥ । ଆପଣଙ୍କ ନିକଟରେ କହିଲି ଯଥାର୍ଥ ॥ ଆଜି ପୁଣି ଆସିବା ବେଳରେ ଭେଟ ହେଲା । ପ୍ରଭୁଙ୍କୁ କହିବ ବୋଲି ମୋତେ ସେ କହିଲା ॥ ଦୟାକର କହ ପ୍ରଭୁ କି ବୋଲିବି ଯାଇଁ । ଏ ଜନମେ ତୁମ୍ଭ ଦେଖା ହୋଇବ କି ନାହିଁ ॥ ଶୁଣିକରି ହସି ହସି ହୋଇ ତହୁଁ ମୁହିଁ । ବୋଇଲି ନାରଦ ମନ ବୁଝିବାର ପାଇଁ ॥ ହେ ଋଷିବର ବୋଲିବ ତାହାକୁ ଏମନ୍ତ । ଅବଶ୍ୟ ଦେଖା ପାଇବ ମୋହର ଭକତ ॥ ଯେ ତେନ୍ତୁଳି ବୃକ୍ଷମୂଳେ ବସି ଜପେ ମୋତେ । ସେହି ବୃକ୍ଷେ ଅଛଇଁ ଜାଣ ପତ୍ର ଯେତେ ॥ ତେତେ ବର୍ଷ ଯେବେ ସେହିମତେ ଭଜୁଥିବ । ତେବେ ଯାଇଁ ମୋର ରୂପ ଦର୍ଶନ ପାଇବ ॥ ଶୁଣିକରି ନାରଦ ଯେ ବିସ୍ମିତ ହୋଇଲେ । ଅମ୍ଭଙ୍କୁ ବିଦାୟ ମାଗି ବାହୁଡ଼ିଣ ଗଲେ । ଯେଉଁଠାରେ ରହିଥିଲା ସାଧୁଦାସ ପୁଣି । ସେଠାରେ ପ୍ରବେଶହେଲେ ସେ ନାରଦ ମୁନି ॥ ନାରଦଙ୍କୁ ଦେଖି ସାଧୁ ଉଠିଲା ସତ୍ୱର । ବେନିକର ଯୋଡ଼ି ପାଦେ କରେ ନମସ୍କାର ॥ ପୃଚ୍ଛାକରେ କିସ ପ୍ରଭୁ ବୋଇଲେ ହେ ମୁନି । ନାରଦ ବୋଇଲେ ଆଜ୍ଞା ପଚାରିଲି ପୁଣି ॥ ସେ ବୋଇଲେ ବୃକ୍ଷେ ଯେତେ ଅଛି ପତ୍ର ପୁଣ । ତେତେ ବର୍ଷ ପରିଯନ୍ତେ ଜପ ମୋର ନାମ ॥ ତେବେ ଯାଇଁ ମୋହରଟି ହୋଇବ ସାକ୍ଷାତ । ଏହା ଶୁଣି ସାଧୁଦାସ ହେଲା ପୁଲକିତ ॥ ନିଶ୍ଚୟ ଦେଖିବି ମୁହିଁ ପ୍ରଭୁ ଚକାଡୋଳା । ଏତେ ଭାଳି ପ୍ରେମରଙ୍ଗେ

Digitized by srujanika@gmail.com

ହୋଇଲା ସେ ଭୋଳା । ବେନଭୁଜେ ନାରଦଙ୍କୁ ଅଙ୍କୋଳି ଧଇଲା । ଗଡ଼ାଗଡ଼ି ହୋଇ ଭୂତଳରେ ଗଡ଼ିଗଲା । ଭକ୍ତର ଏମନ୍ତ ପ୍ରେମ ଦେଖିକରି ମୁହିଁ । ବୈକୁଣ୍ଠପୁରରେ ଅଉ ନ ପାରିଲି ରହି । ସେହି କ୍ଷଣି ତାର ପାଶେ ପ୍ରବେଶ ହୋଇଲି । ତାହାର ପ୍ରେମରଜ୍ଜୁରେ ବନ୍ଧା ମୁହିଁ ହେଲି ॥ ବେନଭୁଜେ ଭକ୍ତ ତାଙ୍କୁ ଧଇଲା କୁଣ୍ଢାଇ । ତାଙ୍କ ସଙ୍ଗେ ମୁହିଁ ମଧ ଗଡ଼ି ଗଲି ଯାଇ ॥ ନାରଦ ଦେଖିଣ ମୋତେ ହୋଇଲେ ଚକିତ । କରପଦ୍ମ ଯୋଡ଼ିକରି ପୁଚ୍ଛିଲେ ଏମନ୍ତ ॥ ତୁମ୍ଭେ ପରା କହିଥିଲ ଅହେ ପ୍ରଭୁ ମୋତେ । ଉନ୍ମୂଳ ବୃକ୍ଷରେ ପତ୍ର ଅଛି ପୁଣି ଯେତେ ॥ ତେତେବର୍ଷ ତପକଲେ ମୋ ଦେଖା ମିଳିବ । ଏ କ୍ଷଣି ଦର୍ଶନ ଆସି ଦେଲ କେମନ୍ତେ ଦେବ ॥ ନାରଦଙ୍କୁ ଶୁଣି ମୁହିଁ ବୋଇଲି ହେ ମୁନି । ଦେଖିବ ବୋଲି ସେ ଯେଉଁ ପ୍ରେମ ହେଲା ପୁଣି ॥ ତହିଁରେ ମୋହର ମନ ଆସକ୍ତ ହୋଇଲା । ପ୍ରେମବଳରୁ ମୋତେ ସେ ଦର୍ଶନ କରିଲା ॥ ଧନ୍ୟ ଏହି ସାଧୁଦାସ ଧନ୍ୟ ଯାର ଗୁଣ । ନାହିଁ ନ ଥିବ ଯା ପରି ଜଣେ ତ୍ରିଭୁବନ ॥ ଧନ୍ୟ ଯାର ପିତା ମାତା । ଧନ୍ୟ ମୁହିଁ ପୁଣ । ଏପରି ଭକ୍ତର ସଙ୍ଗେ ହୋଇଲା ମିଳନ ॥ ଏହି ପ୍ରକାରେ ତାଙ୍କୁ ପ୍ରଶଂସା କରି । ବୈକୁଣ୍ଠେ ଚଳିଲି ତହୁଁ ହେ ଗାଣ୍ଡୀବଧାରୀ ॥ ଏମନ୍ତ ଭକ୍ତ ମୋହର ଜଗତରେ ଛନ୍ତି । ଶୁଣିକରି ଧନଞ୍ଜୟ ହେଲା ତୋଷମତି ॥ ନାମରତ୍ନଗୀତା ମୋର ଜଗତରେ ସାର । ହରେକୃଷ୍ଣ ଦାସ କହେ ପିଅ ପୁଣ୍ୟଜନର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ସାଧୁଦାସଙ୍କ ଚରିତ୍ର ବର୍ଣ୍ଣନେ ନାମ ଅଶୀତିତମୋଽଧ୍ୟାୟଃ ।

ଏକାଶୀତିତମ ଅଧ୍ୟାୟ ।

ଶ୍ରୀହରିଙ୍କ ପାଦପଦ୍ମେ କରି ନମସ୍କାର । କରଯୋଡ଼ି ପୃଚ୍ଛାକରେ ଅର୍ଜୁନ ବୀର ॥ ହେ ପ୍ରଭୁ ଅନାଥ ନାଥ ଜଗତର ପତି । ଅଜ୍ଞାନରେ

Digitized by srujanika@gmail.com

ମୁଗ୍ଧ ହୋଇଅଛୁ ମୋର ମତି ॥ ଆବର ଭକ୍ତଙ୍କ କଥା କହ ଭଗବାନ । କହିଣ ହୃଦୟୁ ମୋର ଛେଦ ପାପମାନ ॥ ଶ୍ରୀହରି ବୋଲନ୍ତି ଭୃଙ୍ଗେ ଶୁଣ ଏକଚିତ୍ତେ । ପୁଣ୍ୟବନ୍ତ କଥା ଏକ କହୁଅଛି ତୋତେ ॥ ଶିକାର କରିବା ପାଇଁ ଜୟନ୍ତ ଶବର । ବନସ୍ତକୁ ଗଲା ହାତେ ଧରି ଧନୁଶର ॥ ଶିକାର ଖୋଜିଲା ଯାଇଁ ଅରଣ୍ୟ ମଧ୍ୟରେ । ସେଦିନ ତାହାକୁ କିଛି ନ ମିଳିଲା ଖରେ ॥ ଭ୍ରମୁ ଭ୍ରମୁ ଅସ୍ତାଚଳେ ଗଲେ ଦିନକର । ଚିନ୍ତାକୁଳେ ଅନେକ ଯେ କାନ୍ଦିଲା ଶବର ॥ ଭାର୍ଯ୍ୟା ପୁତ୍ର ମୋହର ଘରେ ଭୁଞ୍ଜି ବସିଥିବେ । ଶିକାର ବିହୀନେ ସେହୁ ବ୍ୟର୍ଥେ ମରିବେ ॥ ହାୟ ରେ ଦାରୁଣ ଧାତା କି କର୍ମ କଲୁ । ଦଶ ପରାଣୀ ମୋହର ଗଢ଼ାଇ ମାରିଲୁ ॥ ଶିକାର କରିଣ ପିନା କୁଟୁମ୍ବ ପୋଷଇ ॥ ଏହା ବିନା ଆଉ ଅନ୍ୟ ଉପାୟ ତ ନାହିଁ । ଦରିଦ୍ର ଲୋକର ଜୀବ ଥିବା ଅକାରଣ ॥ କେବଳ ତାହାର ଚିନ୍ତା କୁଟୁମ୍ବ ପୋଷଣ । ପିନ୍ଧଇ ମୁଁ ଚିରିଲୁଗା ଦେହେ ବସ୍ତ୍ର ନାହିଁ ॥ ଏ ମାଘମାସ ଶୀତରେ ଅଙ୍ଗ ମୋ ଥରଇ ॥ ତୈଳ ଅଭାବରେ କେଶ ହଶଇ ଲୁଖୁରା । ଅନ୍ନଚିନ୍ତା ଜାଳେ ଏ ଅତିଅନ୍ତ ଭାରୀ । ଏହା ଭାଳି ହସ୍ତେ ଧନୁଶର ଧରି ପୁଣି । ନିବିଡ କାନନ ମଧ୍ୟେ ପ୍ରବେଶି ତକ୍ଷଣି ॥ ବୁଲଇ ସେ ଅବିଶ୍ରାନ୍ତ କ୍ଷୁଧା ଅନ୍ତରେ । ଜୀବ ଖୋଜେ ଅହରହ ନ ବସି ବନରେ ॥ ଉପରକୁ ଦୃଷ୍ଟିଦେଇ କରଇ ଗମନ । ଅଦୃଷ୍ଟକୁ ନନ୍ଦାକରି ବୋଲଇ ଏସନ ॥ ଅଜ କାହା ମୁଖଚାହିଁ ଅସିଥିଲି ମୁହିଁ ॥ ହାୟ କି କରିବି କିଛି ବୁଦ୍ଧି ଦିଶୁନାହିଁ ॥ ଏହାଭାବି ଭ୍ରମୁ ଭ୍ରମୁ କ୍ଷଣେକ ଦୂରରେ । ଗୋଟିଏ ସୁନ୍ଦର ପକ୍ଷୀ ଦେଖିଲା ତରୁରେ ॥ ସେ ପକ୍ଷୀକି ଦେଖି ଅତି ଆନନ୍ଦ ହୋଇଲା । ମାରିବାକୁ ଧନୁରେ ସେ ଗୁଣକୁ ଯୋଖିଲା ॥ ସେ ପକ୍ଷୀକୁ ଲକ୍ଷ୍ୟକରି ମାରନ୍ତେଣ ଶର । ସେ ଶର ଗୋଟି ବ୍ୟର୍ଥ ହୋଇଗଲା ତାର ॥ ପକ୍ଷୀ ଉଡିଯାଇଁ ଅନ୍ୟ ବୃକ୍ଷରେ ବସିଲା । ଏହା ଦେଖି ବ୍ୟାଧ ମନେ ଅଣ୍ଟ ସେ କରିଲା ॥ ଯେଉଁ ବୃକ୍ଷପରେ ପୁଣି ବସିଲା ସେ ଯାଇଁ ।

Digitized by srujanika@gmail.com

ପୁଣି ଶର ସନ୍ଧାନ କରନ୍ତ ଚକ୍ଷୁଁ ଥାଇ ॥ ପୂର୍ବପର ଶରଗୋଟି ବ୍ୟର୍ଥରେ ଯେ ଗଲା । ପୁନରପି ଅନ୍ୟ ଏକ ଶର ସେ ପେଷିଲା ॥ ଭୟପାଇ ପକ୍ଷୀ ଗୋଟି ଗଲା ଚକ୍ଷୁଁ ଉଡି । ଏ ଡାଳେ ସେ ଡାଳେ ବସି ଦଏ ଘୋରରଡି ॥ ତାର ପଛେ ବ୍ୟାଧ ଯାଏ ଯତ୍ନ କରେ ଯେତେ । କପଟ ବଧିବ ପକ୍ଷୀ ହୃଦରେ ବିଚାରି ॥ କ୍ରମେ ଯାଉଁ ଯାଉଁ ଘୋର କାନନେ ପଶିଲା । ଅତି ଭୟଙ୍କର ସ୍ଥାନେ ଯାଇଁ ପ୍ରବେଶିଲା ॥ କଣ୍ଟାଝଟା ବାଜି ଦେହ ହେଲା ତାର କ୍ଷତ । ତଥାପି ଯେ ବ୍ୟାଧ ଗୋଟି ନୁହଇ ନିବୃତ୍ତ ॥ କପଟ ମାରିବ ପକ୍ଷୀ ମନରେ ଚିନ୍ତିତ । ତାହା ପ୍ରତି ଦୃଷ୍ଟି ନାହିଁ ଯାଏ ଅବିରତ । ଏକଧାନେ ଗମଇ ସେ ଉପରକୁ ଚାହିଁ । ପକ୍ଷୀ ମାରଣରେ ମନ ଅଛି ବ୍ୟସ୍ତ ହୋଇ ॥ ଯାଉଁ ଯାଉଁ ଅକସ୍ମାତେ ଝୁଣ୍ଟି ସେ ପଡିଲା ॥ ବୃଦ୍ଧକୁ ଉଠନ୍ତେ ଏକ ସାଧୁଙ୍କୁ ଦେଖିଲା ॥ ପଦ୍ମାସନେ ବସିଛନ୍ତି ଧ୍ୟାଇଣ ଶ୍ରୀହରି । ଗେରୁଆ ବସ୍ତ୍ର ପିନ୍ଧିଣ ଜଟା ବନ୍ଧକରି ॥ ଅଙ୍ଗେ ବିଭୂତି ଶୋହଇ ମହା ତେଜୋବନ୍ତ । ତାହାଙ୍କୁ ଝୁଣ୍ଟିଣ ବ୍ୟାଧ ହେଲା ବଡ଼ଭୀତ ॥ ଭାଳଇ ମୁଁ ମାରକାଟି ମୋ ପାଦ ବାଜିଣ । ଋଷିଙ୍କର ତପଭଗ୍ନ ହୋଇଲା ଯେ ପୁଣ ॥ ନିଶ୍ଚେ ଅଭିଶାପ ଦେବେ ମହାକ୍ରୁଦ୍ଧ ହୋଇ । ହାୟ ମୋ କପାଳ ମନ୍ଦ କ କରିବି ମୁହିଁ ॥ ଚିନ୍ତାରେ ବ୍ୟାକୁଳ ହୋଇ ହେଲା ମୂଢ଼ବତ । ଅଗ୍ରେକୁ ଛିଡା ହୋଇଣ ଭାଳଇ ଏମନ୍ତ ॥ କେଉଁପରି ଯ୍ୟାଙ୍କ ଶାପୁଁ ରକ୍ଷା ମୁ ପାଇବି । ନତଶିରେ ଠିଆହେଲା ମନ ମଧ୍ୟେ ଭାବି । ପରମ ଦୟାଳୁ ଋଷି ଜାଣି ତାର ମନ । ସନ୍ତୋଷେ ବୋଇଲେ ତାକୁ ହୋଇ ସୁପ୍ରସନ୍ନ ॥ ଚିନ୍ତା କାହିଁ ଚିନ୍ତା ନାହିଁ ଆହେ ବ୍ୟାଧବର । ଏଥିରେ ଅପ୍ରାଧ କିଛି ନାହିଁ ଯେ ତୋହର ॥ ଯେତେକ କହିଲେ ସାଧୁ ପ୍ରବୋଧନା କରି । ବ୍ୟାଧ ନ ଶୁଣଇ ତାହା ମନେ ଭୟଧରି ॥ ପୁଣି ପୁଣି କରଯୋଡ଼ି ସ୍ତବ ପାଠକରେ । ବିକଳରେ ଗଡ଼ିଯାଏ ଭୂତଳ ଉପରେ ॥ ବେନି ନୟନୁ ତାହାର ବହେ ନୀର ଧାରି । ସ୍ନେହଭରେ ସାଧୁ ତାକୁ

Digitized by srujanika@gmail.com

ଧଇଲେ ଯେ କର ॥ କଷ୍ଟ ଦୋଷ ନାହିଁ ତୋର ଶୁଣ ଅବେ ବସ୍ତ । ଯେଣେ ଇଚ୍ଛା ତେଣେ ଯାଅ ନ କହୁଛୁ ମିଛ ॥ ଏକଥାରେ ଅଣୁମାତ୍ର ସନ୍ଦେହ ନ କର । ଧର୍ମାତ୍ମା ମୁନିଙ୍କଠାରୁ ଶୁଣି ଏ ଉତ୍ତର ॥ କ୍ଷଣକ୍ଷଣ ଶବର ଯେ ହୋଇଲା ମଉନ । ପୁନରପି ମନମଧ୍ୟେ ଭାଳଇ ଏମନ ॥ ଯବ ଋଷିଙ୍କର ମୁହିଁ କଷ୍ଟ ଉପକାର । କରିପାରେ ତେବେ ଦୋଷୁ ଲଭିବି ନିସ୍ତାର ॥ ଏପରି ଭାବନା ବ୍ୟାଧ କରଇ ଅନ୍ତରେ । ମହାତ୍ମା ତପସ୍ୱୀ ତାହା ଜାଣି ହୃଦପୁରେ ॥ ସନ୍ତୁଷ୍ଟ ହୋଇଣ ପୁଣି ଭାଳିଲେ ଏମନ । ଏହାଦ୍ୱାରା ମୋରକାର୍ଯ୍ୟ ହୋଇବ ସାଧନ ॥ ଏହିକଥା ବିଚାରିଣ ବୋଇଲେ ସେ ମୁନି । ହେ ଶବର କ୍ଷମାକଲି ତୁମ୍ଭ ଦୋଷ ପୁଣି ॥ ଯେବେ ତୁମ୍ଭେ ଏକକାର୍ଯ୍ୟ କରିପାର ମୋର । ତେବେ ବହୁତ ସନ୍ତୋଷ ହୋଇବି ନିକର ॥ ମୋର ଏକ ଶ୍ରେଷ୍ଠ ପୁତ୍ର ଅଟଇ ଅବାଧ । କଥା ମାନେ ନାହିଁ ସେହି ବଡ଼ଇ ଦୁର୍ବୋଧ ॥ ତାହା ଯୋଗେ ଘର ଗ୍ରାମ ଛାଡ଼ିକରି ମୁହିଁ । ଗହନ କାନନ ମଧ୍ୟେ ତପସ୍ୟା କରଇଁ ॥ ଏ ବନ ଭିତରେ ସେହି କାହିଁ ଲୁଚିଅଛି । ମୋ ନିକଟେ ଅସୁନାହିଁ ଯେବେ ମୁଁ ଡାକୁଛି ॥ ଦେଖା ଦେଉନାହିଁ ବାବା ଡାକ ଶୁଣୁନାହିଁ । ଅହର୍ନିଶି ବସିଛି ମୁଁ ତା ପଥକୁ ଚାହିଁ ॥ ଯେବେ ବସ୍ତ ଦୟାକରି ସେ ପିଲାକୁ ମୋର । ଦେଇ ପାରନ୍ତ କରନ୍ତ ବହୁ ଉପକାର ॥ ତୁମ୍ଭେ ଯେବେ ଏହିକଥା ଗୋଟିକୁ କରିବ । ତେବେ ମୋହର ଦୋଷରୁ ନିସ୍ତାର ପାଇବ ॥ ଏହା ଶୁଣି ବ୍ୟାଧବର ହେଲା ଆନନ୍ଦିତ । ବେନିକର ଯୋଡ଼ି ପୁଣି ବୋଲଇ ଏମନ୍ତ ॥ ଏଥିପାଇଁ ତୁମ୍ଭେ କଷ୍ଟ ନକର ଭାବନା । ସେ ପିଲାର ବର୍ଣ୍ଣ ତଥ କହିଦିଅ ଜନା ॥ ସର୍ବ ଶାସ୍ତ୍ର ବିଶାରଦ ସେ ମୁନିଗୋସାଇଁ । ବ୍ୟାଧ ମୁଖରୁ ଶୁଣିଣ ଏମନ୍ତ ଭାଷାହିଁ ॥ ବୋଇଲେ ନିଜର ଘରେ ଜନ୍ମି ବାଲ୍ୟକାଳେ । ଖେଳ ଖେଳୁଥିଲେ ସେହି ଗୋପସୁତ ମେଳେ ॥ ସେ ରୂପକୁ ଧ୍ୟାନକର ବ୍ୟାସ ତପୋଧନ । ଶାସ୍ତ୍ରରେ ବର୍ଣ୍ଣି ଅଛନ୍ତ ପୂର୍ବରୁ ଯେସନ ॥ ସେ ସମସ୍ତ

Digitized by srujanika@gmail.com

କହନ୍ତେ ଯେ ଶବର ଅଗ୍ରତେ । ତାହା ଶୁଣି ବ୍ୟାଧ ମନେ ବିସ୍ମରଇ ତତ୍ତେ ॥ ଅଶାନ୍ତମୟ ହୃଦୟ ଏବେ ଶାନ୍ତ ହେଲା । ଯାହାହେତୁ ଋଷିଶାପ ଖଣ୍ଡନ ହୋଇଲା ॥ ଶାନ୍ତରସେ ପରିପୂର୍ଣ୍ଣ ହେଲା ତାର କାୟ । ଯହାଙ୍କୁ ଚିନ୍ତନ୍ତି ସଦା ଯୋଗି ମୁନିଚୟ ॥ ଅଦ୍ୟ ପ୍ରାନ୍ତକର ସବୁ ଶୁଣିଲା ତା ବପି । ଭକ୍ତିଭରେ ରୋମାଞ୍ଚିତ ହୁଏ ବଡ଼ ଶୀଘ୍ରି ॥ ପ୍ରସନ୍ନ ବଦନେ ବ୍ୟାଧ ବୋଲଇ ଏମନ୍ତ । କଷ୍ଟପୃ ହେ ମୁନିବର ପାଇବନ୍ତି ସୁତ ॥ ଅବଶ୍ୟତ କାର୍ଯ୍ୟସିଦ୍ଧ ହୋଇବ ତୁମ୍ଭର । ଜାଣିଲି ଯେ ବାଳକଷ୍ଟ ଅଛ ଦୁସର୍ଗର ॥ ବୃକ୍ଷଲତା ପଶୁ ପକ୍ଷୀ ଏକତ୍ରେ ମିଳଣି । ଶୁଭ ଧ୍ୱନି କଲେ ପୁରେ ଚଉଦ ଭୁବନ ॥ ଶୁଣ ଅଶେଷ ଯୋଜନ ଚଳିଲା ଶବର । ମନେ ମନେ ସ୍ମରଇ ଶିଶୁ କଳେବର ॥ ଅଳ୍ପ ପଥ ଯାଇଁ ପୁଣି ଲେଉଟି ଅଇଲା । ମୁନିଙ୍କ ପାଦରେ ପଡ଼ି ଏମନ୍ତ ବୋଇଲା ॥ ମହାଶୟ ଭୁଲିଗଲି କେଉଁପରି ପୁଅ । ମୁନି ବୋଇଲେ ଶୁଣ ରେ ମନଦେଇ ପୁତ ॥ ନବୀନ ନୀରଦପରି ତନୁ ତା ହସଇ । ବେନି କର୍ଣ୍ଣରେ କୁଣ୍ଡଳ ଯୋଡ଼ି ବିରାଜଇ ॥ ଅଧରେ ମନ୍ଦହାସ ଯେ ଜନମନ ହରେ । ନାହିଁ ନ ଥିବ ଏପରି ରୂପ ତ୍ରିଭୁବନେ ॥ ଏହିପରି ବ୍ୟାଧ ଯହୁଁ ସମସ୍ତ ଶୁଣିଲା । ପୁନରପି ବନମଧ୍ୟେ ଯାଉଁଣ ପଶିଲା ॥ କିଛି ଦୂର ଯାଇ ପୁଣି ଅଇଲା ଫେରି । ବୋଇଲା ହେ ପ୍ରଭୁ ତାହା ଦେଲି ଯେ ପାଶୋରି ॥ ଆଉ ବାରେ ଭଲରୂପେ କରନ୍ତୁ ବର୍ଣ୍ଣନ । ତାହା ପାଶୋରଣ ଯାଏ ମୋର ପୁନଃ ପୁନଃ ॥ ତପସ୍ୱୀ ବୋଇଲେ ତାର ଅରକ୍ତ ନୟନ । ବେନିକର୍ଣ୍ଣେ କୁଣ୍ଡଳ ଯେ ହସେ ଦେଦୀପ୍ୟମାନ ॥ ରଙ୍ଗିମା ଚରଣେ ପୁଣି ଶୋଭଇ ନୂପୁର । ପୀତବସ୍ତ୍ର ପିନ୍ଧିଅଛି ଦିଶେ ସେ ସୁନ୍ଦର ॥ ବଂଶୀ ମୁଖେ ଶୋଭାପାଏ କଣ୍ଠରେ କିଙ୍କିଣୀ । ଶୁଣି ବ୍ୟାଧ ଦେହଠାରୁ ଗଳେ ତତକ୍ଷଣି ॥ ସେହି ପ୍ରେମମୟ ରୂପ କରଣ ଭାବନା । ହୃଦୟ ମଧ୍ୟରେ ତାହା କରଣ ସ୍ଥାପନା ॥ ଖୋଜିବାକୁ ଚଳିଗଲା ସେ ଘୋର କାନନ । ଶୁଣ ଅରଜୁନ କହନ୍ତି ଯେ ଭଗବାନ ॥

Digitized by srujanika@gmail.com

ତେତେବେଳକୁ ବ୍ୟାଧର ମନ ସର୍ବତନ୍ତ୍ରା । ପୁତ୍ର ଭାର୍ଯ୍ୟା ଭାଇ ବନ୍ଧୁମାନଙ୍କର କଥା ॥ ପାଶୋରି ଗଲାଣି କିଛି ମନରେ ଯେ ନାହିଁ । କେବଳ ଏକଧ୍ୟାନରେ ଶ୍ରୀହରିଙ୍କୁ ଧ୍ୟାଇ ॥ କାହିଁ ବେଗେ କାହିଁ ସ୍ଥିର ଗମନ କରଇ । ଖଣ୍ଡେ ଦୂର ଯାଇ ପୁଣି ଚୌଦିଗେ ଅନାଇ ॥ ଭଲ ଭଲ ଯାଉଁ ଯାଉଁ ଗହନ କାନନେ । ତାଙ୍କୁ ଦେଖାଦେଲୁଁ ଆମ୍ଭେ ଅତି ତତକ୍ଷଣେ ॥ ବିଶେଷରେ ବ୍ୟାଧ ତାର ଜ୍ଞାନ ଅଛି ଜେତେ । ମୋର ରୂପ ଦୃଢ଼େ ତାର ଭିନ୍ନ ନାହିଁ ଚିତ୍ତେ ॥ ଦେଖି ମୋତେ ଫେରଆସୁ ସେ ପୁଣି ପଥରେ । ଏହିରୂପେ ବିଚାରଇ ଆପଣା ଚିତ୍ତରେ ॥ ସେ ରୂପ ମୋହର ମନ ହୁଅଇ ଅନ୍ତର । ହୃଦସ୍ଥ ଚିର ରଖିବ ନିଶ୍ଚୟ ଏଥର ॥ ଏହିରୂପେ ଭାବି ଭାବି ଲେଉଟି ଅଗମ୍ୟ । ତପସ୍ୱୀଙ୍କ ନିକଟରେ ଯାଇଁ ପ୍ରବେଶିଲା ॥ ମହାଶୟ ତବ ବାକ୍ୟେ ବହୁତ ଖୋଜିଲି । ବହୁଦୂରେ ଏକଗୋଟି ପର୍ବତ ଦେଖିଲି ॥ ଯେଉଁପରି କହିଥିଲ ଅପଣ ଯେ ମୋତେ । ଗୋଟିଏ ବାଳକ ଦେଖିଲଇଁ ମୁଁ ସାକ୍ଷାତେ ॥ ଥରେ ମାତ୍ର ଦେଖାଦେଇ କାହିଁ ଲୁଚିଗଲା । ଏଥିର କାରଣ କିଛି ବୁଝାଇ ନ ଗଲା ॥ ଏହା ଶୁଣିଣ ସେ ତପୀ ହେଲେ ଆନନ୍ଦିତ । ମଙ୍ଗଳ ହୋଇବ ମୋର ଲଭିଲ ଯେ ଚିତ୍ତ ॥ ସେ ମହାତ୍ମା ଶବରକୁ ପାଖକୁ ଡାକିଣ । ସଞ୍ଜୀବନୀ ମନ୍ତ୍ର ଦୀକ୍ଷା ଦେଲେ ତାର କର୍ଣ୍ଣେ ॥ ସେହି କ୍ଷଣକୁ ଶବର ଯେତୁଁ ଟି ପାଇଲା । ତାହାର ହୃଦୟେ ପୂର୍ଣ୍ଣ ଜ୍ଞାନ ଉପୁଜିଲା ॥ ପୁନରପି ଶିଶୁ ଉଦ୍ଦେଶ୍ୟରେ ଗଲା ବନ । ଖୋଜଇ କାନନେ ପଶି କରି ନିରୀକ୍ଷଣ ॥ ମୋ ରୂପକୁ ଭାଳି ଭାଳି ସେ ପୁଣ୍ୟାତ୍ମା ବ୍ୟାଧ । ବୁଝି ମୋଠାରେ ଦେବାରୁ ହୋଇଲି ନିସ୍ତବ୍ଧ ॥ ବ୍ୟାଧର ବାହ୍ୟକ ମନ ନିବୃତ୍ତ ହୋଇଲା । ହଂସ ଛନ୍ତି ପରିପୂର୍ଣ୍ଣ କାନନେ ପଶିଲା ॥ ଯାଉଁ ଯାଉଁ ସେହିପରି ପର୍ବତ ଶିଖରେ । ଶିଶୁରୂପେ ଦୃଶ୍ୟ ହେଲି ମୁଁ ତାହା ନେତ୍ରରେ ॥ ସେହିଠାରେ ବ୍ୟାଧ ଯାଇଁ ହୋଇଲା ପ୍ରବେଶ । ମୋ ରୂପ ଦେଖିବା ପାଇଁ ବଳିଛି ମାନସ ॥

Digitized by srujanika@gmail.com

କ୍ଷୁଧା ତୃଷ୍ଣା ସବୁ ତାର ହୋଇଲା ଅନ୍ତର । ଏକାନ୍ତ ଭକ୍ତିରେ ଧ୍ୟାନ କରିଲା ମୋହର ॥ ମନ ପ୍ରାଣ ମୋ ଚରଣେ ଦେଇ ଏକାନ୍ତରେ । ଉତ୍କଣ୍ଠାଭାବେ ବସିଲା ନିଶ୍ଚଳ ମନରେ ॥ ତାର ଭକ୍ତି ଦେଖି ମୁହିଁ ନ ପାରିଲି ସହି । ସେହି କ୍ଷଣି ଦରଶନ ଦେଲି ତାକୁ ଯାଇ ॥ ମୋରୂପ ଦର୍ଶନ କରି କ୍ଷଣକାଳ ସେହି । ଆନନ୍ଦେ ନାଚିଲା ପୁଣି କରତାଳ ଦେଇ ॥ ପ୍ରେମଭରେ ଆଲିଙ୍ଗନ କଲା ମୋତେ ଧରି । ତତପରେ ଚୁମ୍ବିଦେଲା ବଦନେ ମୋହର ॥ ତପସ୍ୱୀ ବାଳକ ବୋଲି ମନମଧ୍ୟେ ଧରି । କହିଲି ମୋତେ ଅନାଇଁ ବହୁତ ଧ୍ୟାଇଲୁ ॥ ଏ ତ ଦୁଷ୍କରପଣ ତୋର ଅରେ ରେ ଦୁର୍ମତି । ଏକ କଥା ମୋହ୍ର ଏବେ ଶୁଣ ଭୁ ଝୁଣ୍ଟିଛ ॥ ଯେ ତୋର ପିତା ଅଟନ୍ତି ଅତି ପୂଜନୀୟ । କେଉଁ ପରି ନ ମାନୁଛୁ ତାଙ୍କ ବୋଲ କହ ॥ ଦୁଷ୍କର୍ମ ଏବେ ତୋର ଛାଡ଼ି ଦେଇ ଥା ବାବୁ । ଚାଲ ଚାଲ ପିତାମୁଖ ଦର୍ଶନ କରିବୁ ॥ ଆସ ଆସ ମୋର ସଙ୍ଗେ ଭୟ ପରିହରି । ତାର କଥା ଶୁଣି ମୁହିଁ ବୋଇଲି ଏପରି ॥ ପିତା ପାଶେ ଯିବାପାଇଁ କହୁଛ ସୁମତି । ପିତାତ ମୋତେ ଅନ୍ତରେ ଭଲ ନ ପାଆନ୍ତି ॥ ମୋର ମନମତ କାର୍ଯ୍ୟେ ନ ଚଳନ୍ତି ସେହି । ସ୍ନେହଭରେ କୋଳପାଶେ କେବେ ଡାକ ନାହିଁ ॥ ସ୍ନେହରେ ମୋତେ ସେ ନିତ୍ୟ ଡାକେ ଏକଥରେ । ତତକ୍ଷଣେ ଚାଲଇ ମୁଁ ତାହାର ପାଶରେ ॥ ପିତାତ ଆଦର କରି ମୋତେ ନ ଡାକନ୍ତି । ତେଣୁ ତାଙ୍କ ପାଶେ ଯିବାପାଇଁ ନୋହେ ମତି ॥ ଏଣୁ ମୁହିଁ ତାଙ୍କ ପାଶେ କାହିଁପାଇଁ ଯିବି । ଗଲେ ପଛରେ ବହୁତ ଭର୍ତ୍ସନା ପାଇବି ॥ ବ୍ୟାଧ ବୋଇଲା ଯା ହେଉ ସେ ତୁମ୍ଭ ପିତର । ତାହାଙ୍କୁ କ୍ରୋଧ କରିବା ଅନୁଚିତ ତୋର ॥ ଆଉ ଏକ କଥା ବାବୁ କହୁଛି ବୁଝାଇ । ତୋର ପିତା ପାଦେ ଦୋଷ କରିଅଛି ମୁହିଁ ॥ ତୁ ଯେବେ ନ ଯିବୁ ବାବୁ ମୋହର ସଙ୍ଗତେ । ସେ ଦୋଷ କଟିଛ ତହୁଁ ତତ୍ଷଣ କେମନ୍ତେ ॥ ସ୍ୱାମୀ କହୁ ଶୁଣିବା କଥା ସକଳ କହିଲା । ତୋତେ ନ

Digitized by srujanika@gmail.com

ନେଲେ ତଖର କହ କେତେ ଭଳି । ଏହିରୂପେ ସବୁ କଥା ବୁଝାଇ କହନ୍ତେ । ଯିବ ବୋଲି ସନମତ କଲି ମୁଁ ତହନ୍ତେ ॥ ଶୁଣିଣ ବ୍ୟାଧ ଆନନ୍ଦ ସାଗରେ ନିମଗ୍ନ । କୋଳକରି ନେଲା ତହୁଁ ଆନନ୍ଦ ହୋଇଣ । ଯେଉଁଠାରେ ତପ କରୁଛନ୍ତି ତପୀବର । ସେହିଠାରେ ମୋତେ ନେଇ ମିଳିଲା ଶବର । ବେକକରି ଯୋଡ଼ି ତପୀ ପଦ୍ମରେ ପଡ଼ିଲା । ଦେଖ ତପୀ ତୁମ୍ଭ ଶିଶୁ ଆଣିଛି ବୋଇଲା । ଶୁଣି ତପସ୍ୱୀ କର୍ମକୁ ବହୁ ନିନ୍ଦା କଲେ । ମାୟାବଶେ ରୂପ ମୋର ଦେଖି ସେ ନ ପାରେ ॥ ପୂର୍ବ ଜନ୍ମାର୍ଜିତ ପୁଣ୍ୟ ତାର ଯେବେ ଥାନ୍ତା । ମୋରୂପକୁ ଅବଶ୍ୟ ସେ ଦେଖିଣ ଥାଆନ୍ତା ॥ ପୁନରପି ବ୍ୟାଧ ତାଙ୍କୁ ବୋଲେ ମୁନିବର । ଏହି କି ତୁମ୍ଭ କୁମର ଦେଖ ହେ ସତ୍ୱର । ବ୍ୟାଧ ମୁଖୁ ଶୁଣି କହେ ସେ ତପସ୍ୱୀବର । ମନୋଭାବ ଗୁପ୍ତ କରି ବୋଲେ ଏ ପ୍ରକାର ॥ ହେ ଶବର ଏହି ଅଟେ ମୋହର ନନ୍ଦନ । ପଶ୍ଚାତ୍ ମୋଠାରେ ହେବ କି ପ୍ରସନ୍ନ । ଶୁଣି ସେକ୍ଷଣି ଶବର ବୋଇଲା ହେ ବାଳ । ପିତାଠାରେ ସୁପ୍ରସନ୍ନ ହେବୁ କେଉଁ କାଳ ॥ ମୁଁ ବୋଇଲି ଶତଜନ୍ମ ତାର ଗତ ହେଲେ । ତେବେ ଯାଇଁ ପ୍ରସନ୍ନ ମୁଁ ହୋଇବଇଁ ଭଲେ । ଏ ବାଣୀ ଶୁଣି ତପସ୍ୱୀ ଚାତ୍କା ହୋଇଲା । ବଜ୍ରାହତ ବୃକ୍ଷ ତୁଲ୍ୟ ତଳେ ସେ ପଡ଼ିଲା ॥ ତଳେ ପଡ଼ି ଉଠି ପୁଣି ଭାଳଇ ଏମନ୍ତ । ଶତେ ଜନ୍ମ ପରେ ମୁହିଁ ଦେଖିବି କି ସୁତ ॥ ଏହା ଭାବି ଜୀବ ତାର ବ୍ୟଥିତ ହୋଇଲା । ଝର ଝର ହୋଇ ନେତ୍ରୁ ଲୁହ ସେ ବହିଲା ॥ ହୃଦୟ କମ୍ପରେ ଉଚ୍ଚେ କ୍ରନ୍ଦନ କରଇ । ତା ଧ୍ୱନିରେ ସେ କାନନ ପୂରିଣ ଉଠଇ ॥ ସେ ବନରେ ଯେତେ ପଶୁ ପକ୍ଷୀମାନେ ଥିଲେ । ବ୍ୟାକୁଳ ହୋଇଣ ସର୍ବେ ରୋଦନ କଲେ ॥ ସେ କାଳେ ମୁଁ ଯେତେ ପୁଣି କଲି ଉପାୟ । ସମ୍ଭାଳିଣ ନ ପାରିଲି ତାହାଙ୍କର କୋହ ॥ ମାୟାରେ ବଶିଷ୍ଠରୂପ ଧାରଣ କରିଲି । ମୋ ତେଜେ ଚତୁର୍ଦ୍ଦିଗକୁ ଆଲୋକିତ କଲି । ମସ୍ତକ ଲାଗିଲା ଯାଇଁ ଗଗନ ମାର୍ଗରେ । ମୋର ରୂପ

Digitized by srujanika@gmail.com

ଦେଖିକରି ସେ ବ୍ୟାଧ କେଶରେ ॥ ଧରା ଉପରେ ପଡ଼ିଣ ହେଲା ଜଡ଼ବତ । ତା ପିଣ୍ଡରୁ ଜ୍ୟୋତି ଏକ ହୋଇଲା ଉଦ୍ଭୂତ ॥ ମୋର ତେଜ ସଙ୍ଗେ ତାର ତେଜ ଗଲା ମିଶି । ଜଳ ସଙ୍ଗେ ମିଶିଯାଏ ଯେସନେ ଜଳରାଶି ॥ ଏକାଳେ ସ୍ୱର୍ଗେ ଦୁନ୍ଦୁଭି ବାଦ୍ୟକୁ ବାଇଲେ । ଅପସରା ଏ ମଙ୍ଗଳ ସ୍ୱରରେ ଗାଇଲେ ॥ ଜୟ ଜୟ ଶଙ୍ଖଧ୍ୱନି ଶୁଭେ ଅନ୍ତରତ । ଆକାଶମାର୍ଗରୁ ବୃଷ୍ଟି ହେଲା ପୁଷ୍ପଚୟ ॥ ମନୋହର ଦେଖାଗଲା ସେ କାନନ ଗୋଷ୍ଠ । ଏଥିଅନ୍ତେ ଯାହା ହେଲା ଶୁଣ ହେ କପୀଷ୍ଟ ॥ ନ ଜାଣଇ ମୁନି ପୁଣ ଏ ଘଟନାମାନ । ତତ୍କ୍ଷଣେ ଉଠି ସେହି ଦେଖିଲା ଏସନ ॥ ନିକେ ରହିଥିଲା ପୂର୍ବେ ଯେପରି ବନରେ । ଦେଖିଲା ବ୍ୟାଧର ଶବ ପଡ଼ିଛି ସେଠାରେ ॥ ଏହା ଦେଖିଣ ତାଟକା ହେଲା ମୁନିବର । କାହିଁ କାହାକୁ ନ ଦେଖି ବିସ୍ମୟ ଅନ୍ତର ॥ ପୁଣି ମନରେ ପଡ଼ିଲା ତାହାର ଏ କଥା । ଅଚେତନ ପୂର୍ବେ ଶୁଣିଥିଲା ଯେଉଁ କଥା ॥ ଜଳଦ ଗମ୍ଭୀର ସ୍ୱରେ ବୋଇଲା ଏସନ । ଆହେ ପ୍ରଭୁ କେଉଁ ଆଡ଼େ ଗଲ ଯତ୍ତ ପୁଣ ॥ ମନରେ ଭାଳିଲା ଏହି ପରୀକ୍ଷାର ସ୍ଥାନ । ନିଶ୍ଚୟ ପ୍ରଭୁଙ୍କ ମୁହିଁ କରିବି ଦର୍ଶନ ॥ ଏତେ ଭାଳି ତପସ୍ୟାରେ ପୁଣି ହେଲା ରତ । ଧ୍ୟାନରେ ଚକ୍ରୀ ବଢ଼ିଲା ମୋର ସ୍ୱରୂପତ ॥ ଏ ସମସ୍ତ କଥା ଶୁଣି ବୀର ଅରଜୁନ । କରଯୋଡ଼ି ପଚାରଇ ଆହେ ଭଗବାନ ॥ ଧନ୍ୟ ଆପଣଙ୍କ ମାୟା ଦେବେ ଅଗୋଚର । ନ ପାଇଲା ତପୀ କର୍ପା ଦର୍ଶନ ଉମ୍ବର ॥ ଜୀବହିଂସା ପ୍ରତିଦିନ କରେ ଯେଉଁ ବ୍ୟାଧ । ତା କପାଳେ ଥିଲା ଦେଖିବାକୁ ତବ ପାଦ ॥ ଅନାୟାସେ ବ୍ୟାଧ ବ୍ରହ୍ମଲୋକ ଯେ ଲଭିଲା । ଅନୁଗ୍ରହ କଲ ତାକୁ ମୁକତି ପାଇଲା ॥ ତେବେ ବିଚାର କରଇ ମନରେ ମୁଁ ଏହା ॥ ବ୍ୟାଧ ହେବା ଶ୍ରେୟସ୍କର ଅଟେ ଚତୁର୍ବାହା । ବ୍ରାହ୍ମଣ କୁଳ ହେବାର କିଛି କାର୍ଯ୍ୟ ନାହିଁ ॥ ପୂର୍ବ ସୁକୃତ ଫଳରୁ ମୁକତି ମିଳଇ ॥ ଜାଣିଲି ହେ ଜଗନ୍ନାଥ ହୃଦୟ ଉମ୍ବର । କପଟୀଙ୍କ ସରଦାର ଏହା

Digitized by srujanika@gmail.com

[illegible] ଡାକନ୍ତ କପଟ । ଏତେ

[illegible] ତୁମ୍ଭ ବିଗ୍ରହଟି ॥ ତୁମ୍ଭେ ତପସ୍ୱୀର ପକ୍ଷେ କଲ ଅନୁଗ୍ରହ । ପାଶେ ଥାଇ ଦେଖା ଯାହା ନ ଦେଲ ଶ୍ରୀଧର ॥ କେତେ-ତାଙ୍କୁ ସେହି ଆଶା କରି କ୍ଷେପିଥିଲା । ବାରବର୍ଷ ତପ ତାର ଅକାରଣ ହେଲା ॥ ନ କର ନ କର ପ୍ରଭୁ ଏମନ୍ତ ବିଚାର । ହରେକୃଷ୍ଣ ଦାସ ସଦା ତୁମ୍ଭର କିଙ୍କର ॥

ଇତି ଶ୍ରୀନାମରହସ୍ୟଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଜପମନ୍ତ୍ରଶଙ୍କର ଚରିତ ବର୍ଣ୍ଣନେ ନାମ ଏକାଦଶୋଽଧ୍ୟାୟଃ ।

—— ⁂ ——

ଦ୍ୱାଦଶତମ ଅଧ୍ୟାୟ ।

ପୁନରପି ପୁଚ୍ଛା କରେ ବୀର ଅରଜୁନ । ତତ୍ତ୍ୱଜ୍ଞାନ କଥା ମୋତେ କହ ଭଗବାନ ॥ ହସି କରି ଶ୍ରୀହରି ଯେ ବୋଇଲେ ଏସନ । ଦେହୀ ଭୋଗ କରେ ପୁଣି କୌମାର ଯୌବନ ॥ ଜରା ଯେରୂପେ ହେଉଛି ସଂସାରେ ଉତ୍ପତ୍ତି । ସେରୂପେ ଆନ ଶରୀର ହେଉଛି ପ୍ରାପତି ॥ ଏହା ଜାଣି ପଣ୍ଡିତେ ତେଜନ୍ତି ମୋହବନ୍ଧ । ଶୀତଉଷ୍ଣ ସୁଖ ଦୁଃଖ ବିଷୟ ସମ୍ବନ୍ଧ ॥ ଯାହାଙ୍କୁ ନ ବାଧେ ଶୀତ ଉଷ୍ଣାଦିର କଥା । ସେହି ବ୍ୟକ୍ତି ନିଶ୍ଚେ ଜାଣ ଲଭେ ମୋକ୍ଷପନ୍ଥା ॥ ଶୀତଉଷ୍ଣ ସୁଖ ଦୁଃଖ ଏହା ଯେ ଅନିତ୍ୟ । ଏଥିରେ ମୁଗ୍ଧ ହୁଅନ୍ତି ଯେତେ ଅପଣ୍ଡିତ ॥ ଅତ୍ମା ମାରିବାକୁ କେହି ନାହିଁ ପୁଣି ନର । ସବୁବେଳେ ଜୀବଅତ୍ମା ଅଟଇ ଅମର ॥ ଅତ୍ମାଠାରେ ଜନମ ମରଣ ଉପଗତ । ହୋଇ ନ ପାରଇ କେବେ କୁନ୍ତୀଙ୍କର ସୁତ ॥ ଅତ୍ମାଟି ଅବିନାଶୀ ଥାଏ ସବୁଠାରେ । ସ୍ଥିରଭାବେ ଥାଏ ସେହି ସର୍ବ ହୃଦୟରେ ॥ ହୁଏ ରୂପ ନ ଛୁଟେ ସେ ଅନାଦି ଅଟଇ । ଅପ୍ରକଟ ସବୁ ଦେହେ ପରକଟେ ଥାଇ ॥ ଗୋଚର ନୁହଇ ଅତ୍ମା ଚକ୍ଷୁ ଆଦି କରି । ମନ ଚିତ୍ତ ତାକୁ କେହି ନ ପାରନ୍ତି ଧରି ॥ କର୍ମେନ୍ଦ୍ରିୟମାନଙ୍କରେ ନୁହେ ସେ ଗୋଚର । ଦେହ ଜଣର

Digitized by srujanika@gmail.com

ଅଟଇ ଆତ୍ମା ଅନଶ୍ୱର ॥ ଜନ୍ମ ହେଲେ ମୃତ୍ୟୁ ମୃତ୍ୟୁ ହେଲେ ନଷ୍ଟେ ଜନ୍ମ । ହେଉଅଛି ଅନୁବ୍ରତେ ସଂସାରର କର୍ମ ॥ ଦେଖିଲେ ଶୁଣିଲେ ଆତ୍ମା ନୁହଇ ଜନମ । କେହ ତାକୁ ନ ଜାଣଇ ଅହେ ଅରଜୁନ । ଶ୍ରୀଗୁରୁଙ୍କଠାରେ ଦୃଢଭକ୍ତି କରିବାକୁ । ସ୍ୱବଇ ଯେ ସ୍ଥିରବୁଦ୍ଧି ବୋଲନ୍ତି ତାହାକୁ ॥ ଅହେ ପାର୍ଥ ନାମରତ୍ନଗୀତା ମୋର ସାର । ନାମରତ୍ନଠାରୁ ବଳ ରତ୍ନ ନାହିଁ ମୋର । ବୁଦ୍ଧ ଏହାକୁ ଯଦ୍ୟପି ଯତନେ ରଖିବୁ । ଏ ଭବ ସିନ୍ଧୁରୁ ସ୍ୱଗେ ପାରହୋଇଯିବୁ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । ଅହେ ସାଧୁଜନେ ମୋର ନ ଘେନିବ ଦୋଷ ॥ ନମୋ ନମୋ ଦାମୋଦର କମଳାର ବର । ନମୋ ନମୋ ନନ୍ଦବାଳ ଗୋବର୍ଦ୍ଧନଧର ॥ ନମୋ ନମୋ ବନମାଳି ଗୋପୀନାଥ ମୂର୍ତ୍ତି । ନମୋ ନମୋ ଉତ୍କଳବାସୀ ଦାରୁମୟ ମୂର୍ତ୍ତି ॥ ନମୋ ନମୋ ବୃନ୍ଦାବନପନ୍ଥ ନେତ୍ର ଶୋଭନ । ନମୋ ନମୋ ଶିଶୁପାଳନାଶନ ମୁକୁନ୍ଦ ॥ ନମୋ ରୁକ୍ମିଣୀବଲ୍ଲଭ ନମୋ ଦଇତ୍ୟାରି । ହରେକୃଷ୍ଣ ଦାସ ସଦା ତୋ ପାଦ ଭିକାରୀ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ତତ୍ତ୍ୱଜ୍ଞାନ ବିଷୟ କଥନେ ନାମ ଦ୍ୱାଷଷ୍ଟିତମୋଽଧ୍ୟାୟଃ ।

— — ✝ — —

ସ ମା ପ୍ତ ।

Printed by H. K. Das, Chandrodaya Press, Cuttack.

Digitized by srujanika@gmail.com

[illegible] ବରି [illegible] କେବଳ [illegible]
[illegible] ଦେବ [illegible]
[illegible] ।

ଶ୍ରୀ ପୁରାଣ	ଟ ୦ ୷	କାଞ୍ଚିକାବେରୀ	ଟ ୦ ।୶
[illegible]ଦେଶଢ	ଟ ୦ ୶	[illegible]	ଟ ୧୵
ଶ୍ରୀ ଚିନ୍ତାମଣି ଚାନ୍ଦିକା	ଟ ୦ ।୬	କୃଷ୍ଣ କୋଇଲି	ଟ ୦ ।୶
ଶ୍ରୀ[illegible]କଥାମୃତ ([illegible])	ଟ ୧୵	କେଶବ[illegible] ଗୁଣ	ଟ ୦ /
ଗଣ[illegible]କିତା	ଟ ୦ ।୫	କେଶବ କୋଇଲି	ଟ ୦ ।୶
[illegible]କୋଷ	ଟ ୦ ।	କୋଇଲି[illegible]	ଟ ୦ /
ଅମରକୋଷ ଟୀକା	ଟ ୦ ୶	[illegible]	ଟ ୦ ।
[illegible] କୋଷ	ଟ ୦ /	[illegible] କୋଇଲି	ଟ ୦ ।
[illegible]ମାଳିକା	ଟ ୦ [illegible]	[illegible]	ଟ ୦ ୶
[illegible] (ତୃତୀୟ) ୧ମ ଭାଗ	ଟ ୦ ।	[illegible]	ଟ ୦ ।୯
[illegible]	ଟ ୦ ।୯	ଗୀତ ଗୋବିନ୍ଦ	ଟ ୦ ।
[illegible]	ଟ ୦ ।୵	[illegible]	ଟ ୦ [illegible]
[illegible] ୨ୟ ଭାଗ	ଟ ୦ ୵	[illegible]	ଟ ୦ ୶
[illegible]	[illegible]	[illegible]	ଟ ୦ ୶
କଳିଯୁଗ[illegible]	ଟ ୦ /	[illegible] ୧ମ	ଟ ୦ ୶
[illegible]	ଟ ୦ /	[illegible]	ଟ ୦ ୶
କଳା[illegible]	ଟ ୦ [illegible]	[illegible]	ଟ ୦ [illegible]
[illegible]	ଟ ୦ /୫	ଗୋବିନ୍ଦଚନ୍ଦ୍ର	ଟ ୦ ।
କାର୍ତ୍ତିକ ମାହାତ୍ମ୍ୟ	ଟ ୦ ୵	ଗୋବିନ୍ଦଚନ୍ଦ୍ର ଟୀକା	ଟ ୦ ।
		ଗୋବିନ୍ଦଚନ୍ଦ୍ର ଗୀତ	ଟ ୦ ।

[illegible] }, ଶ୍ରୀ [illegible] ଦାସ,
[illegible] ।

Digitized by srujanika@gmail.com